Bhubaneswar- 20 may 2026
ଭୁବନେଶ୍ୱର- ୨୦ ମେ' ୨୦୨୬
Vol- 1 Issue - 24
ଭାଗ- ୧ ସଂଖ୍ୟା- ୨୪
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA




## ଆଜି ବନ୍ଦ ରହିବ ମେଡ଼ିସିନ ଷ୍ଟୋର
### ମୁକାବିଲା ପାଇଁ ସରକାରଙ୍କ ୭ ସୂତ୍ରୀ ନିର୍ଦ୍ଦେଶ



**ଭୁବନେଶ୍ୱର :** ଅନଲାଇନ ମେଡିସିନ୍ ବିକ୍ରି ପ୍ରତିବାଦରେ ମଙ୍ଗଳବାର ଓଡ଼ିଶା ସମେତ ସମଗ୍ର ଦେଶରେ ମେଡିସିନ୍ ଷ୍ଟୋରଗୁଡ଼ିକ ବନ୍ଦ ରହିବ। ଅଲଇଣ୍ଡିଆ ଅର୍ଗାନାଇଜେସନ ଅଫ୍ କେମିଷ୍ଟସ୍ ଆଣ୍ଡ ଡ୍ରଗିଷ୍ଟସ୍ ପକ୍ଷରୁ ଦିଆଯାଇଥିବା ଏହି ବନ୍ଦ ଡାକରାକୁ ଉତ୍କଳ କେମିଷ୍ଟସ୍ ଆଣ୍ଡ ଡ୍ରଗିଷ୍ଟସ୍ ଆସୋସିଏସନ୍ ସମର୍ଥନ ଜଣାଇ ରାଜ୍ୟର ପ୍ରାୟ ୩୦ହଜାର ଔଷଧ ଦୋକାନକୁ ବନ୍ଦ ରଖିବାକୁ ଘୋଷଣା କରିଛି। ଏହି ବନ୍ଦକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ସାଧାରଣ ଲୋକ ଓ ଗୁରୁତର ରୋଗୀ ଯେଭଳି ହଇରାଣ ନହେବ ସେଥିପାଇଁ ୭ସୂତ୍ରୀ ନିର୍ଦ୍ଦେଶକୁ ପାଳନ କରିବାକୁ କୁହାଯାଇଛି। ଭୁବନେଶ୍ୱରସ୍ଥିତ ଡ୍ରଗ୍ସ କଣ୍ଟ୍ରୋଲର ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟର ସବୁ ଡ୍ରଗ୍ସ ଇନ୍ସପେକ୍ଟର ଓ ସହକାରୀ ଡ୍ରଗ୍ସ ନିୟନ୍ତ୍ରକମାନଙ୍କୁ ସୋମବାର ଗୁରୁତ୍ୱପୂର୍ଣ୍ଣ ଚିଠି ଲେଖି ସାତ ସୂତ୍ରୀ ଜରୁରୀକାଳୀନ ନିର୍ଦ୍ଦେଶାବଳୀକୁ ଅନୁପାଳନ ନିମନ୍ତେ କୁହାଯାଇଛି । ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ, ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଡାକ୍ତରଖାନା ଏବଂ କ୍ଲିନିକାଲ ପ୍ରତିଷ୍ଠାନ ସହିତ ଜଡ଼ିତ ଥିବା ୨୪ଘଣ୍ଟିଆ ଇନହାଉସ ଫାର୍ମାସି ଓ ମେଡିସିନ ଷ୍ଟୋରଗୁଡ଼ିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରଖିବାକୁ କୁହାଯାଇଛି। ଜନସାଧାରଣଙ୍କ ଅଧିକ ଚାହିଦାକୁ ଦୃଷ୍ଟିରେ ରଖି ଏହି ଦୋକାନଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ଅତିରିକ୍ତ କର୍ମଚାରୀ ନିୟୋଜିତ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ସମସ୍ତ ଅଧିକାରୀ ନିଜ ନିଜ କ୍ଷେତ୍ରରେ ଜୀବନ ରକ୍ଷାକାରୀ ଓ ଅତ୍ୟାବଶ୍ୟକ ଔଷଧର ଉପଲବ୍ଧତା ଉପରେ ତୀକ୍ଷ୍ଣ ନଜର ରଖିବେ। ଆବଶ୍ୟକ ପଡ଼ିଲେ ସ୍ଥାନୀୟ ଜିଲ୍ଲା ପ୍ରଶାସନ ଓ ପୁଲିସ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି କେତେକ ନିର୍ଦ୍ଦିଷ୍ଟ କେମିଷ୍ଟ ଦୋକାନ ଖୋଲିବା ଓ ସେଗୁଡ଼ିକର ସୁରୁଖୁରୁରେ ପରିଚାଳନା ପାଇଁ ବ୍ୟବସ୍ଥା କରିବାକୁ କୁହାଯାଇଛି। କେବଳ ସେତିକି ନୁହେଁ, ବନ୍ଦ ପୂର୍ବରୁ ଯେପରି ଖୁଚୁରା ବ୍ୟବସାୟୀଙ୍କ ପାଖରେ ପର୍ଯ୍ୟାପ୍ତ ଔଷଧ ମହଜୁଦ ରହିବ, ସେଥିପାଇଁ ହୋଲସେଲର ଓ ବିତରକମାନଙ୍କ ସହ ସମନ୍ୱୟ ରକ୍ଷା କରିବାକୁ ଡ୍ରଗ୍ସ କଣ୍ଟ୍ରୋଲର ନିର୍ଦ୍ଦେଶ ଦେଇଛନ୍ତି।

# ଆରମ୍ଭ ହେଲା ପୂର୍ବାଞ୍ଚଳ କୃଷି ସମ୍ମିଳନୀ

- ନକଲି ସାର କାରବାର କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ: ଶିବରାଜ ସିଂ ଚୌହାନ
- ପ୍ରସ୍ତୁତ ହେବ ପୂର୍ବ ଭାରତର କୃଷି ରୋଡମ୍ୟାପ୍: ମୁଖ୍ୟମନ୍ତ୍ରୀ
- ଯୋଗଦେଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର କୃଷି ମନ୍ତ୍ରୀ ଏବଂ ୪ ରାଜ୍ୟର କୃଷିମନ୍ତ୍ରୀ

**ଭୁବନେଶ୍ୱର :** ପୂର୍ବ ଭାରତର କୃଷି ବିକାଶ ଓ କୃଷକଙ୍କ କଲ୍ୟାଣ ପାଇଁ ଭୁବନେଶ୍ୱରଠାରେ ମଙ୍ଗଳବାର 'ପୂର୍ବାଞ୍ଚଳ କ୍ଷେତ୍ରୀୟ କୃଷି ସମ୍ମିଳନୀ -୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା, ବିହାର, ଛତିଶଗଡ଼, ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ଆଦି ୫ଟି ରାଜ୍ୟର କୃଷି ବିକାଶ ପାଇଁ ପ୍ରସ୍ତୁତ ହେବ ରୋଡ ମ୍ୟାପ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବ ଭାରତରେ କୃଷିର ଭବିଷ୍ୟତ ଓ ଚାଷୀଙ୍କ ସାମାଜିକ-ଆର୍ଥିକ ଉନ୍ନତି ପାଇଁ ଏକ ବ୍ୟାପକ ରୋଡମ୍ୟାପ୍ ସଂପର୍କରେ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ କ୍ରାନ୍ତିକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ସୂଚନା ଦେଇଛନ୍ତି। କୃଷି ସମ୍ମିଳନୀରେ ଯୋଗଦେଇ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଓଡ଼ିଶାର ଚାଷୀ ଓ କୃଷି ବିକାଶର ଭୂୟସୀ ପ୍ରଶଂସା କରିଛନ୍ତି। ଚଳିତ ବର୍ଷ ଧାନ କ୍ରୟ କ୍ଷେତ୍ରରେ ଓଡ଼ିଶା ସରକାର ଏକ ବଡ଼ ରେକର୍ଡ ସୃଷ୍ଟି କରିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। କୃଷକମାନଙ୍କ ସମ୍ମାନରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, କୃଷକ ହେଉଛି ଆମର ଅନ୍ନଦାତା ଏବଂ ଯଦି ଏହି ଧରାପୃଷ୍ଠରେ କେହି ଦ୍ୱିତୀୟ ଭଗବାନ ଥାଏ, ତେବେ ସେ ହେଉଛି ଜଣେ କୃଷକ। ପୂର୍ବ ଭାରତର ଉର୍ବର ଭୂମି, ପ୍ରଚୁର ଜଳସମ୍ପଦ ଏବଂ ଅନୁକୂଳ ଜଳବାୟୁ ଆଗାମୀ ଦିନରେ ଏହି ଅଞ୍ଚଳର ଚାଷୀଙ୍କ ବିକାଶ ପାଇଁ ନିଶ୍ଚିତ ରୂପେ ଏକ ଶକ୍ତିଶାଳୀ ଇନ୍ଧନ ସାଜିବ ବୋଲି ଶ୍ରୀ ଚୌହାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବର୍ତ୍ତମାନର ବିଶ୍ୱସ୍ତରୀୟ ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ରମନ୍ତ୍ରୀ ପ୍ରାକୃତିକ ଚାଷ ବା ନେଚୁରାଲ୍ ଫାର୍ମିଂ' ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେବାକୁ ଆହ୍ୱାନ କରିଛନ୍ତି। ସେ ସମ୍ମିଳନୀରେ ଉପସ୍ଥିତ ସମସ୍ତ ପ୍ରତିନିଧି ଓ ଚାଷୀଙ୍କୁ ଅନୁରୋଧ କରି କହିଛନ୍ତି ଯେ, ପ୍ରତ୍ୟେକ କୃଷକ ନିଜ ଚାଷ ଜମିର ଅତିକମରେ ପାଞ୍ଚ ଭାଗରୁ ଭାଗେ (୨୦ ପ୍ରତିଶତ) ଜମିରେ ନିଶ୍ଚିତ ଭାବେ ପ୍ରାକୃତିକ ଚାଷ କରିବା ଆବଶ୍ୟକ। ଏହାଦ୍ୱାରା ରାସାୟନିକ ସାରର ଆବଶ୍ୟକତା ଧୀରେ ଧୀରେ ହ୍ରାସ ପାଇବ ଏବଂ ମାଟିର ଉର୍ବରତା ବଜାୟ ରହିବ। ଏଥିସହ ନକଲି ସାର ଓ କୀଟନାଶକ କାରବାର କରୁଥିବା ଅସାଧୁ ବ୍ୟକ୍ତିଙ୍କ ବିରୋଧରେ କେନ୍ଦ୍ର ସରକାର ଅତ୍ୟନ୍ତ କଠୋର ଆଭିମୁଖ୍ୟ ଗ୍ରହଣ କରିବେ ଏବଂ ଆଗାମୀ ଦିନରେ କୃଷକଙ୍କ ସୁରକ୍ଷା ପାଇଁ ଏକ ନୂଆ 'ପେଷ୍ଟିସାଇଡ୍ ଆକ୍ଟ' ଅଣାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜ ଅଭିଭାଷଣରେ ମାଟିର ସୁରକ୍ଷା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଇ କହିଛନ୍ତି, ଯେ ଆମକୁ ପ୍ରାକୃତିକ କୃଷିକୁ ଆପଣାଇବାକୁ ହେବ। ଅଧିକରୁ ଅଧିକ ରାସାୟନିକ ସାର ଏବଂ କୀଟନାଶକର ଉପଯୋଗ ଦ୍ୱାରା ଆମ ମାଟି ଧୀରେ ଧୀରେ ବିଷାକ୍ତ ହେବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ଆହୁରି




ମଧ୍ୟ ପ୍ରକାଶ କରିଛନ୍ତି ଯେ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମହାପ୍ରସାଦ ପ୍ରସ୍ତୁତିରେ ବର୍ତ୍ତମାନ ଓଡ଼ିଶାର ଜୈବିକ ଚାଉଳ ବ୍ୟବହାର କରାଯାଉଛି। ଏହା ଓଡ଼ିଶାବାସୀଙ୍କ ପାଇଁ ବଡ଼ ଗୌରବର ବିଷୟ ଏବଂ ଆଗାମୀ ଦିନରେ କେମିତି ପୂର୍ବ ପ୍ରାନ୍ତରେ ଅଧିକରୁ ଅଧିକ ଜୈବିକ ଚାଷ ହୋଇପାରିବ, ସେଥିପାଇଁ ବ୍ୟାପକ ଗବେଷଣା କରିବାକୁ ସେ କୃଷି ବୈଜ୍ଞାନିକମାନଙ୍କୁ ଆହ୍ୱାନ ଦେଇଛନ୍ତି।ଏହାସହ ବିଲୁପ୍ତ ହୋଇଯାଉଥିବା ସ୍ଥାନୀୟ କିସମର ପାରମ୍ପରିକ ଖାଦ୍ୟ ଶସ୍ୟ ଗୁଡ଼ିକର ପୁନରୁଦ୍ଧାର ପାଇଁ ବ୍ଲକ ସ୍ତରରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପ୍ରୟାସ କରାଯାଉଥିବା ସଂପର୍କରେ ସେ ସୂଚନା ଦେଇଛନ୍ତି।'ସମୃଦ୍ଧ କୃଷକ ଯୋଜନା'ରେ ଚାଷୀଙ୍କୁ ବଡ଼ ଆଶ୍ୱାସନା ଦେଇ ପ୍ରତି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦରରେ ଧାନ କିଣାଯାଉଛି, ଯାହାଦ୍ୱାରା ଗତ ଖରିଫ୍ ଋତୁରେ ପ୍ରାୟ ୧୯ ଲକ୍ଷ ଚାଷୀ ସିଧାସଳଖ ଉପକୃତ ହୋଇଛନ୍ତି। ଏହା ବ୍ୟତୀତ 'ସିଏମ କିଷାନ' ଯୋଜନା ମାଧ୍ୟମରେ ୫୧ ଲକ୍ଷରୁ ଅଧିକ ଚାଷୀଙ୍କୁ ବାର୍ଷିକ ୪,୦୦୦ ଟଙ୍କା ଦିଆଯାଉଛି, ଯାହା କେନ୍ଦ୍ର ସରକାରଙ୍କ ପିଏମ କିଷାନ ସହିତ ମିଶି ଚାଷୀଙ୍କ ହାତରେ ବାର୍ଷିକ ୧୦,୦୦୦ ଟଙ୍କାର ସହାୟତା ରାଶି ପହଞ୍ଚାଉଛି। ଚାଷୀଙ୍କ ପିଲାମାନଙ୍କ ଉଚ୍ଚଶିକ୍ଷା ପାଇଁ 'କୃଷି ବିଦ୍ୟାନିଧି ଯୋଜନା' ଏବଂ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀଙ୍କ ଅଂଶର ସମ୍ପୂର୍ଣ୍ଣ ପ୍ରିମିୟମ ରାଜ୍ୟ ସରକାର ନିଜେ ବହନ କରୁଥିବା ସେ ପ୍ରକାଶ କରିଛନ୍ତି।


## ପ୍ରବଳ ତାତିରେ ଛଟପଟ ଓଡ଼ିଶା
### ୪୪.୮ ଡିଗ୍ରୀ ସହିତ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ ସହର
### ୧୮ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ

**ଭୁବନେଶ୍ୱର :** ପ୍ରବଳ ତାତିରେ ଆଉଟୁପାଉଟୁ ହେଉଛି ସାରା ରାଜ୍ୟ। ଆଜି ରାଜ୍ୟର ୧୮ଟି ସହରର ତାପମାତ୍ରା ୪୦ ଡିଗ୍ରୀ ବା ତା' ଉପରେ ରେକର୍ଡ କରାଯାଇଛି। ୪୪.୮ ଡିଗ୍ରୀ ସେଲସିୟସ ସହ ଝାରସୁଗୁଡ଼ା ହୋଇଛି ସବୁଠୁ ଉତ୍ତପ୍ତ ସହର। ହୀରାକୁଦରେ ଆଜି ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ରହିଥିବା ବେଳେ ସମ୍ବଲପୁର ଓ ଅନୁଗୋଳରେ ୪୩.୬ ଡିଗ୍ରୀ, ବୌଦ୍ଧ ଓ ତାଳଚେରରେ ୪୩, ସୋନପୁରରେ ୪୨.୬, ଟିଟିଲାଗଡ଼ରେ ୪୨.୩, ବଲାଙ୍ଗିରରେ ୪୨.୨, ନୟାଗଡ଼ରେ ୪୧.୯, ସୁନ୍ଦରଗଡ଼ରେ ୪୧.୮, ଭବାନୀପାଟଣାରେ ୪୧.୫ ଓ ବରଗଡ଼ରେ ୪୧ ଡିଗ୍ରୀ ରେକର୍ଡ କରାଯାଇଛି। ଭଦ୍ରକରେ ସର୍ବୋଚ୍ଚ ତାପମାତ୍ରା ୪୦.୨ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ୪୦.୧ ଓ ରାଉରକେଲା ୪୦ ଡିଗ୍ରୀ ରହିଥିଲା। ସେହିପରି ପାରଳାଖେମୁଣ୍ଡି ଓ ନୂଆପଡ଼ାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ରହିଥିଲା।

### ରଥଖଳା ୨୯ ତମ ଦିବସରେ
## ୨୦ ଫୁଟିଆ ଚାର ପରିଚ୍ଛାର ଚଉପଟ କାର୍ଯ୍ୟ ଆରମ୍ଭ

**ପୁରୀ:** ବଡଦାଣ୍ଡ ସ୍ଥିତ ରାଜା ନଅର ସମ୍ମୁଖ ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । ରଥ ନିର୍ମାଣର ୨୯ତମ ଦିବସରେ ବିଶ୍ୱକର୍ମା ସେବକ ମାନେ ରଥ ନିର୍ମାଣରେ ନିମଗ୍ନ ଅଛନ୍ତି । ତାଳଧ୍ୱଜା ରଥର ପୋଲ ଗୟଳ ର ଚିରଟ ପୂର୍ବରୁ ଚିତା କାର୍ଯ୍ୟ ଆରମ୍ଭ ହୋଇଛି । ଆଜି ତିନି ରଥର ନିର୍ମାଣ କାର୍ଯ୍ୟ ସମାନ୍ତରାଳ ଭାବେ ଆଗେଇ ଚାଲିଛି। ମହାରଣା ସେବକ ମାନେ ତିନି ରଥର ଶେଷ ଗୋଟିଏ ଗୋଟିଏ ଚକର ନିର୍ମାଣ କାର୍ଯ୍ୟ ର ଶେଷ ସ୍ପର୍ଶ ଦେଉଛନ୍ତି। ଏଥିସହ ତିନିରଥର ୫ ଟି ଲେଖାଏଁ ନିର୍ମାଣ ଜାରୀ ରହିଥିବା ଜଗତପୃଷ୍ଠ ଶେଣୀର ଚଉପଟ କାର୍ଯ୍ୟ ଶେଷ କରିବା ସହ ଆଜି ତିନିରଥର ୨ ଟି ଲେଖାଏଁ ଧୂଳି ଦଣ୍ଡାର ଚଉପଟ କାର୍ଯ୍ୟ ଶେଷ ହୋଇଛି। ଏଥିସହ ଆଜି ଆରମ୍ଭ ହୋଇଛି ତିନି ରଥର ୨୦ ଫୁଟିଆ 'ଚାର ପରିଛା' ର ଚଉପଟ କାର୍ଯ୍ୟ। ଆଜି ତାଳଧ୍ୱଜ ରଥର ପୋଲ ଗୟଳ ଚିରଟ ପାଇଁ ରଥ ଅମିନ ଭୋଇ ସେବକଙ୍କ ସହାୟତାରେ ୪୦ ଫୁଟିଆ ଧଉରା କାଠ ଯୋଗାଇ ଦେଇଥିଲେ କରତି ସେବକ ମାନେ ଆଜି ଉକ୍ତ ପୋଲ ଗୟଳ କାଠ ଚିରଟ ପୂର୍ବରୁ ଉକ୍ତ କାଠର ଉଭୟ ପଟ ବାରିସିରେ ହାଣି ସମତଳ କାର୍ଯ୍ୟ ବା ଚିତା କାର୍ଯ୍ୟ ଆରମ୍ଭ କରିଛନ୍ତି।ତିନିରଥର ରୂପକାର ସେବକ ମାନେ ତିନି ରଥର ସାଲ ଗୁଜ ଏବଂ ତୀଖ ଗୁଜ ରେ ନୃସିଂହ ରୂପ ଖୋଦେଇ ଜାରୀ ରଖିଛନ୍ତି। ଦୋଳ ବେଦୀ ଠାରେ ପାହି ମହାରଣା ମାନେ ଅଣସର ତଥା ରଥ ଯାତ୍ରାରେ ସେବା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି।

ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା ସେବକ ମାନେ ତିନି ରଥର ଦଣ୍ଡା କଣ୍ଟା,



ଗୟଳ କଣ୍ଟା , ଯୋଖା କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ତିନି ରଥର ମହାରଣା ସେବକ ୭୭ ଜଣ,ତିନି ରଥର ଭୋଇ ସେବକ ୭୭ ଜଣ,ତିନି ରଥ କରତି ସେବକ ୪ ଜଣ, ତିନିରଥ ରୂପକାର ସେବକ ୨୧ ଜଣ,ତିନିରଥ ଓଝା କମାର ସେବକ ୨୦ ଜଣ ,ତୁମ୍ବ ବିନ୍ଧ କାରିଗର ୨ ଜଣ,ପାହି ମହାରଣା ୨ ଜଣ ଓ ରଥ ଖଳା ସହାୟକ ୧ ଜଣ ସମୁଦାୟ ୨୦୪ ଜଣ ରଥ ନିର୍ମାଣକାରୀ ସେବକ ମହାପ୍ରଭୁଙ୍କ ତିନିରଥ ନିର୍ମାଣରେ ନିମଗ୍ନ ଅଛନ୍ତି ।

## ପୁଣି ରତ୍ନଭଣ୍ଡାର ଗଣତିମଣତି ଆରମ୍ଭ

ପୁଣି କାଳିଆ ସାଆନ୍ତଙ୍କ ରତ୍ନଭଣ୍ଡାରର ଗଣତିମଣତି ଆରମ୍ଭ ହୋଇଛି। ମଙ୍ଗଳବାର ମଧ୍ୟାହ୍ନ ଧୂପ ପରେ ଭିତର ଭଣ୍ଡାରକୁ ଯାଇଛନ୍ତି ଗଣତିମଣତି ଟିମ୍। ବାହାର କାଠରୁ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି ଶ୍ରଦ୍ଧାଳୁ। ମହାସ୍ନାନ ଭଳି ଅନାବଶ୍ୟକ ପ୍ରତିକୂଳ ପରିସ୍ଥିତି ଏଡ଼ାଇବା ପାଇଁ ଦିନ ତମାମ ଭିତର କାଠ ଦର୍ଶନ ବନ୍ଦ ପାଇଁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି। କେବଳ ରତ୍ନ ଗଣତି ଦିନମାନଙ୍କରେ ବନ୍ଦ ରହିବ ଭିତର କାଠ ଦର୍ଶନ। ଚଳିତ ମାସରେ ୭ ଦିନ ଅର୍ଥାତ ୧୯, ୨୧, ୨୩, ୨୬, ୨୮, ୨୯ ଓ ୩୦ ତାରିଖରେ ହେବ ଭିତର ଭଣ୍ଡାରର ରତ୍ନ ଅଳଙ୍କାର ଗଣତିମଣତି କାର୍ଯ୍ୟ। ପୂର୍ବରୁ ଦଶ ଦିନର ଗଣତିରେ ମୋଟ ୬୦ ଘଣ୍ଟାର ଗଣତି ପ୍ରକ୍ରିୟା ସରିଛି। ଚଳନ୍ତି ଭଣ୍ଡାରରେ କେବଳ ଶ୍ରୀଜିଉଙ୍କ ଶ୍ରୀଅଙ୍ଗରେ ଥିବା ଦୁଇ ଅଳଙ୍କାରକୁ ଛାଡ଼ି ଅନ୍ୟ ଅଳଙ୍କାର ଗଣତି ଶେଷ ହୋଇଛି। ୧୯୭୮ ତାଲିକା ଅନୁଯାୟୀ ଭିତର ରତ୍ନ ଭଣ୍ଡାରରେ ୪୩୬୪ ଭରିର ୩୬୭ ପ୍ରକାର ସୁନା ଓ ୧୪୮୭୮ ଭରିର ୨୩୧ ପ୍ରକାର ରୁପା ଅଳଙ୍କାର ରହିଛି। ସବୁ ଅଳଙ୍କାରର ୧୯୭୮ ତାଲିକା ଅନୁଯାୟୀ ମେଳକ ସହ ଚିହ୍ନଟ ହୋଇନଥିବା ବେଳେ ଅଧିକ ଅଳଙ୍କାରକୁ ୨୦୨୬ର ନୂଆ ତାଲିକା ସହ ଯୋଗ କରାଯାଉଛି। ମେଳକ ସମୟରେ ସମସ୍ତ ଅଳଙ୍କାରଗୁଡ଼ିକର ୩ଡି ମ୍ୟାପିଙ୍ଗ ଓ ଫଟୋଗ୍ରାଫି, ଭିଡିଓଗ୍ରାଫି କରାଯାଉଛି। ସୁନାକୁ ହଳଦିଆ କପଡ଼ା, ରୁପାକୁ ଧଳା କପଡ଼ା ଓ ଅନ୍ୟ ଅଳଙ୍କାର ସବୁକୁ ନାଲି କପଡ଼ାରେ ରଖି ତାକୁ ଛୋଟ ଷ୍ଟିଲ୍ ବାକ୍ସରେ ରଖିବା ପରେ ନୂଆ ସିନ୍ଦୁକରେ ରଖାଯାଉଛି।

### ଶ୍ରୀମନ୍ଦିରରେ ବନକଲାଗି ନୀତି
## ଆଜି ୪ ଘଣ୍ଟା ବନ୍ଦରହିବ ଜଗାଦର୍ଶନ

**ପୁରୀ:** ବୁଧବାର ହେଉଛି ମହାପ୍ରଭୁଙ୍କ ବନକଲାଗି ନୀତି। ଏଥିଲାଗି ବଡ଼ଦେଉଳରେ ୪ ଘଣ୍ଟା ବନ୍ଦ ରହିବ ସାଧାରଣ ଦର୍ଶନ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ବୈଶାଖ କୃଷ୍ଣ ଚତୁର୍ଥୀ ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ପ୍ରାୟ ସଂଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବଡ଼ଠାକୁରଙ୍କ ଏହି ଗୁପ୍ତନୀତି ଅନୁଷ୍ଠିତ ହେବ। ଯେଉଁଥିଲାଗି ପ୍ରାୟ ୪ ଘଣ୍ଟାରୁ ଅଧିକ ସମୟ ବନ୍ଦ ରହିବ ସାଧାରଣ ଦର୍ଶନ। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି। ଦତ୍ତମହାପାତ୍ର ସେବକମାନେ ପ୍ରାକୃତିକ ପ୍ରଣାଳୀରେ ପ୍ରସ୍ତୁତ ପ୍ରସାଧନରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖକୁ ଶୃଙ୍ଗାର କରିବେ। ହିଙ୍ଗୁଳ, ହରିତାଳ, କସ୍ତୁରୀ, ନାଲି, ଧଳା ଓ କଳା ଭଳି ପାରମ୍ପରିକ ରଙ୍ଗରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବ।

### ସୁପ୍ରିମକୋର୍ଟଙ୍କ ସୁପ୍ରିମରାୟ
## ସ୍କୁଲ୍, ହସ୍ପିଟାଲ୍, ବସ୍‌ଷ୍ଟାଣ୍ଡରୁ ହଟିବେ ବୁଲା କୁକୁର

**ନୂଆଦିଲ୍ଲୀ:** ବୁଲା କୁକୁର ସମସ୍ୟାକୁ ନେଇ ସୁପ୍ରିମକୋର୍ଟ ବଡ଼ ରାୟ ଦେଇଛନ୍ତି । ସାର୍ବଜନିନ ସ୍ଥାନରୁ ହଟିବେ ବୁଲା କୁକୁର । ସୁପ୍ରିମକୋର୍ଟ କୁକୁର ପ୍ରେମୀଙ୍କ ଆବେଦନକୁ ଖାରଜ କରି ହସ୍ପିଟାଲ, ସ୍କୁଲ ଏବଂ ବସ୍ ଷ୍ଟେସନ ଭଳି ସାର୍ବଜନୀନ ସ୍ଥାନରୁ ବୁଲା କୁକୁରମାନଙ୍କୁ ହଟାଇବା ପାଇଁ ନଭେମ୍ବର ୨୦୨୫ରେ ଦେଇଥିବା ନିର୍ଦ୍ଦେଶକୁ ବଜାୟ ରଖିଛନ୍ତି। ବୁଲା କୁକୁର ଆକ୍ରମଣ ପିଲା, ବୃଦ୍ଧ ଏବଂ ପର୍ଯ୍ୟଟକଙ୍କ ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରେ ବୋଲି କହିଛନ୍ତି । ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦିପ ମେହେଟ୍ଟା, ଏନ୍ ବି ଅଞ୍ଜାରିଆଙ୍କ ଖଣ୍ଡପୀଠ ଶୁଣାଣି କରି ଏହି ରାୟ ଦେଇଛନ୍ତି । ଏନ୍ଏଚ୍ ଓ ଏକ୍ସପ୍ରେସ୍ ୱେରୁ ବୁଲା କୁକୁର, ଗାଈଙ୍କୁ ହଟାଇବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି । ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି କୁକୁରପ୍ରେମୀଙ୍କ ପାଇଁ ଏକ ଝଟକା ହୋଇଛି । ସୁପ୍ରିମକୋର୍ଟ ସମସ୍ତ ଆବେଦକୁ ଖାରଜ କରିଛନ୍ତି । ଗତବର୍ଷ ନଭେମ୍ବ ୭ରେ ସରକାରୀ ପ୍ରତିଷ୍ଠାନ ଯେପରି ହସ୍ପିଟାଲ, ସ୍କୁଲ-କଲେଜ ଏବଂ ବସ୍ ଷ୍ଟପ, ରେଳ ଷ୍ଟେସ ଭଳି ସ୍ଥାନରୁ ବୁଲା କୁକୁରମାନଙ୍କୁ ହଟାଇ ପାଇଁ ଦେଇଥିବା ଆଦେଶକୁ ସଂଶୋଧନ କରିବାକୁ ମନା କରିଛନ୍ତି । କୋର୍ଟ କହିଛନ୍ତି କଠୋର



ବାସ୍ତବତା ପ୍ରତି ଆଖି ବୁଜିପାରିବା ନାହିଁ । ସୁପ୍ରିମକୋର୍ଟ ପୂର୍ବ ନିର୍ଦ୍ଦେଶକୁ କାୟମ ରଖି ବୁଲୁ କୁକୁର ଆକ୍ରମଣ ଘଟଣା ଜନସାଧାରଣଙ୍କ ସୁରକ୍ଷା ପାଇଁ ଏକ ଗମ୍ଭୀର ଚିନ୍ତାର ବିଷୟ ପାଲଟିଥିବା କହିଛନ୍ତି । ଖଣ୍ଡପୀଠ ଉଲ୍ଲେଖ୍ୟ କରିଛନ୍ତି ଯେ, ସାରା ଦେଶରେ ଏପରି ଅନେକ ଘଟଣା ରିପୋର୍ଟ ହୋଇଛି ଯେଉଁଠାରେ ଛୋଟ ପିଲାମାନଙ୍କୁ କୁକୁର ଆକ୍ରମଣ କରିଛନ୍ତି । ବୟସ୍କ ଲୋକଙ୍କ ଉପରେ ବି ଆକ୍ରମଣ କରିଛନ୍ତି । ବିଦେଶୀ ପର୍ଯ୍ୟଟକ ବି କୁକୁରଙ୍କ କବଳରୁ ରକ୍ଷା ପାଇନାହାନ୍ତି । କୁକୁଟ କାମୁଡିବା ଘଟଣାକୁ ଅଣଦେଖା କରାଯାଇପାରିବ ନାହିଁ । ପୂର୍ବ ନିଷ୍ପତ୍ତିରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ କି, ବୁଲା କୁକୁରଙ୍କ ପାଇଁ ଆଶ୍ରୟସ୍ଥଳ ନିର୍ମାଣ କରାଯିବା ଉଚିତ୍ । ସେମାନଙ୍କୁ ଖୋଲ ସ୍ଥାନରେ ଖାଇବାକୁ ଦିଆଯିବା ଉଚିତ୍ ନୁହେଁ ଏବଂ ସରକାରୀ ପ୍ରତିଷ୍ଠାନ ଏବଂ ଖୋଲା ସ୍ଥାନରୁ ସେମାନଙ୍କୁ ହଟାଇ ଦିଆଯିବା ଉଚିତ୍ । ଦେଶରେ କୁକୁର କାମୁଡା ଘଟଣା ବୃଦ୍ଧି ପାଉଛି । ଏହି ନିର୍ଦ୍ଦେଶରେ ସାଲିସ କରାଯାଇପାରିବ ନାହିଁ । ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ବଢୁଥିବା ବୁଲା କୁକୁର ସଂଖ୍ୟାକୁ ମୁକାବିଲା କରିବାକୁ ଭିତ୍ତିଭୂମି ନିର୍ମାଣ ପାଇଁ ନିରନ୍ତର ପ୍ରୟାସ କରିନାହାନ୍ତି । ଦେଶରେ ପଶୁ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମର କାର୍ଯ୍ୟନ୍ୱୟନ ଖଣ୍ଡିତ, ଅନୁପଯୁକ୍ତ ଏବଂ ଅସମାନ ରହିଛି । କୁକୁରଙ୍କ ବନ୍ଧ୍ୟାକରଣ ଆବଶ୍ୟକ- ସୁପ୍ରିମକୋର୍ଟ ଉଲ୍ଲେଖ କରିଛନ୍ତି ଯେ, ଏବିସି ନିୟମ ଅନୁଯାୟୀ ୨୦୦୨ ମସିହାରେ କାର୍ଯ୍ୟକାରୀ ହୋଇଥିଲା । ତଥାପି ବୁଲା କୁକୁରଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢିଛି । ଆଶ୍ରୟସ୍ଥଳ ଏବଂ ଅନ୍ୟାନ୍ୟ ସୁବିଧା ସମାନ ଆବଶ୍ୟକତା ପୂରଣ କରିବାରେ ବିଫଳ ହେଲା । ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଆବଶ୍ୟକ । ପୌର ନିଗମଗୁଡିକ ବୁଲା କୁକୁରମାନଙ୍କୁ ଧରିବା ଏବଂ ବନ୍ଧ୍ୟାକରଣ କରିବା ଉଚିତ୍ । ଟୀକାକରଣ ଏବଂ ବନ୍ଧ୍ୟାକରଣ ପରେ ସାଧାରଣ କୁକୁରମାନଙ୍କୁ ଯେଉଁ ଅଞ୍ଚଳରୁ ଧରାଯାଇଥିଲା ସେହି ଅଞ୍ଚଳରେ ଛାଡି ଦିଆଯିବା ଉଚିତ୍ । ଜାନୁଆରୀ ୨୮ ତାରିଖରେ ସୁପ୍ରିମକୋର୍ଟ ବୁଲା କୁକୁର ମାମଲାରେ ତାଙ୍କର ନିଷ୍ପତ୍ତି ସଂରକ୍ଷିତ ରଖିଥିଲେ । ସମସ୍ତ ରାଜ୍ୟର ଯୁକ୍ତି ଶୁଣିବା ପରେ ଏହି ନିଷ୍ପତ୍ତି ନିଆଯାଇଥିଲା । କୁକୁର ପ୍ରେମୀ, କୁକୁର କାମୁଡ଼ାର ଶିକାର ହୋଇଥିବା ବ୍ୟକ୍ତି, ପଶୁ ଅଧିକାର କର୍ମୀ ଏବଂ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ଓକିଲଙ୍କ ସମେତ ସମସ୍ତ ପକ୍ଷଙ୍କ ଯୁକ୍ତି ପୁଙ୍ଖାନୁପୁଙ୍ଖ ଶୁଣିବା ପରେ କୋର୍ଟ ଶୁଣାଣି ସମାପ୍ତ କରିଥିଲେ। ଶୁଣାଣି ସମାପ୍ତ ହେବା ପରେ, ସୁପ୍ରିମକୋର୍ଟ ତାଙ୍କର ନିଷ୍ପତ୍ତି ସଂରକ୍ଷିତ ରଖିଥିଲେ। କୋର୍ଟ ସମସ୍ତ ପକ୍ଷଙ୍କୁ ଏକ ଏକ ସପ୍ତାହ ମଧ୍ୟରେ ସେମାନଙ୍କର ଲିଖିତ ଯୁକ୍ତି ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ସମ୍ବଲପୁର ପୋଲିସର ପୁଣି ଏନକାଉଣ୍ଟର
### ଗୁଳିମାଡ଼ରେ ଅପରାଧୀ ବର୍ଣ୍ଣି ସୁନା ଗୁରୁତର
### ୩୬ ଘଣ୍ଟାରେ ୨ କୁଖ୍ୟାତ ଅପରାଧୀଙ୍କୁ ଗୁଳି

**ସମ୍ବଲପୁର :** ଅପରାଧୀଙ୍କ ବିରୋଧରେ ସମ୍ବଲପୁର ପୁଲିସ କ୍ରମାଗତ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଛି। ବିଗତ ୩୬ ଘଣ୍ଟା ମଧ୍ୟରେ ପୁଲିସ ୨ଜଣ କୁଖ୍ୟାତ ଅପରାଧୀଙ୍କୁ ଏନ୍‌କାଉଣ୍ଟର କରିଛି। ମଙ୍ଗଳବାର ସନ୍ଧ୍ୟାରେ ପୋଲିସର ଗୁଳିମାଡ଼ରେ ବର୍ଣ୍ଣି ସୁନା ଗୁରୁତର ହୋଇଛି। ସମ୍ବଲପୁର ଜିଲ୍ଲା ଚାରମାଳ ଥାନା ଅଧୀନ ମୋଚିବାହାଲ ନିକଟରେ ବର୍ଣ୍ଣି ସୁନାକୁ ପୁଲିସ ଏନ୍‌କାଉଣ୍ଟର କରିଛି। ପୁଲିସକୁ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଆଜି ସୂଚନା ମିଳିଥିଲା ଯେ, ବର୍ଣ୍ଣି ସୁନା ସୋନପୁର ଅଞ୍ଚଳରୁ ସମ୍ବଲପୁରକୁ ଗଞ୍ଜେଇ ଚୋରାଚାଲାଣ କରୁଛି। ସେ ଚାରମାଳ ଥାନା ଅଧୀନ ଜଙ୍ଗଲ ରାସ୍ତାରେ ଅଗ୍ରସର ହେଉଛି। ଏହି ସୂଚନା ଆଧାରରେ ପୁଲିସ ଯୋଜନା ପ୍ରସ୍ତୁତ କରିଥିଲା। ମୋଚିବାହାଲ ଜଙ୍ଗଲ ରାସ୍ତାରେ ସନ୍ଧ୍ୟା ୫ଟା ୪୦ରେ ସନ୍ଦେହରେ ପୁଲିସ ଏକ କାରକୁ ଅଟକାଇଥିଲା। ତେବେ ବର୍ଣ୍ଣି ସୁନା ପୋଲିସକୁ ଖାତିର ନକରି ଘଟଣାସ୍ଥଳରୁ ଚମ୍ପଟ ମାରୁଥିଲା। ଏହି ସମୟରେ ସେ ଗାଡ଼ିର ଭାରସାମ୍ୟ ହରାଇଥିଲା। କିନ୍ତୁ ଗାଡ଼ିରୁ ଫେରାର ହୋଇଯିବାକୁ ଉଦ୍ୟମ କରୁଥିଲା। ଏହା ପରେ ପୁଲିସ ଉପରକୁ ଅତର୍କିତ ଭାବେ ଗୁଳି ଚଳାଇଥିଲା। ପୁଲିସ ପାଖରେ ଆତ୍ମସମର୍ପଣ କରିବା ବଦଳରେ ସେ କ୍ରମାଗତ ଗୁଳି ଚାଳନା କରିଥିଲା। ପୁଲିସ ନିଜକୁ ବଞ୍ଚାଇବା ପାଇଁ ଗୁଳିମାଡ଼ର ଜବାବ ଦେଇଥିଲା। ପୁଲିସର ଗୁଳିମାଡ଼ରେ ବର୍ଣ୍ଣି ସୁନା ଆହତ ହୋଇଥିଲା। ତାକୁ ଆହତ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଚାରମାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ଅଧିକ ଚିକିତ୍ସା ପାଇଁ ବୁର୍ଲାସ୍ଥିତ ଭୀମସାରକୁ ସ୍ଥାନାନ୍ତରିତ କରାଯାଇଛି। ପୁଲିସ ଘଟଣାସ୍ଥଳରୁ କାର (ଟାଟା ଟିଆଗୋ),ଗଞ୍ଜେଇ, ଏଟିଏମ୍ କାର୍ଡ, ନଗଦ ଟଙ୍କା ଏବଂ ଡ୍ରାଇଭିଂ ଲାଇସେନ୍ସ ଜବତ କରିଛି। ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି। ବର୍ଣ୍ଣି ନାରେ ଚୋରି, ଡକାୟତି, ରାହାଜାନୀ, ଲୁଟ୍ ଆଦି ୧୬ଟି ମାମଲା ଅଛି। ସୂଚନାଯୋଗ୍ୟ, ଗତକାଲି ଭୋର ସକାଳୁ ପୁଲିସ ଏନ୍‌କାଉଣ୍ଟରରେ କୁଖ୍ୟାତ ଅପରାଧୀ ମନୀଷ ସାହୁ ଆହତ ହୋଇଥିଲା। ଆହତ ମନୀଷକୁ ସମ୍ବଲପୁର ପୁଲିସ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି। ଅପରାଧୀ ମନୀଷ ବିରୋଧରେ ଚୋରି, ଡକାୟତି ଭଳି ୧୪ଟି ମାମଲା ରହିଛି। ଏଥି ସହିତ ଅନ୍ୟ ୩ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି।

## ୪ ଯୁବକଙ୍କୁ ହତ୍ୟା ଉଦ୍ୟମ
### ଦୁର୍ବୃତ୍ତଙ୍କୁ କାବୁ କଲେ ଏସପି

**ଟିଟିଲାଗଡ:** ଟିଟିଲାଗଡ଼ ସହର ଦେବନ୍ଧ ପଡାରେ ୪ ଜଣ ଯୁବକଙ୍କୁ ହତ୍ୟା ଉଦ୍ୟମ ପରେ ନେଇ ଖୋଦ ବଲାଙ୍ଗୀର ଏସପି ପହଞ୍ଚି ସମସ୍ତ ଦୁର୍ବୃତ୍ତଙ୍କୁ ଗିରଫ କରିଛନ୍ତି। ସୂଚନା ଅନୁସାରେ ରାଜସ୍ଥାନ ଅଞ୍ଚଳର ୪ ଜଣ ଯୁବକ ଟିଟିଲାଗଡ଼ ସହରରେ ରହି ଟାଇଲ କାମ କରୁଥିଲେ। ଆଜି ଅପରାହ୍ନରେ ଉକ୍ତ ଯୁବକ ମାନେ ସ୍ଥାନୀୟ ଦେବନ୍ଧ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ୫ ଜଣ ଯୁବକ ସେମାନଙ୍କୁ ଘେରି ଚାକୁରେ ଆକ୍ରମଣ ସହ ୪୫୦୦ ଟଙ୍କା ନେଇ ଯାଇଥିଲେ। ଘଟଣାଟି ପ୍ରଚାରିତ ହେବା ପରେ ଖୋଦ ବଲାଙ୍ଗୀର ଏସପି ଅଭିଳାଷ ଜୀ ଟିଟିଲାଗଡ଼ ପହଞ୍ଚି ଅପରାଧିଙ୍କୁ କାବୁ କରିଛନ୍ତି। ଘଟଣାଟି ବର୍ତ୍ତମାନ ଟିଟିଲାଗଡ଼ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ସମ୍ପାଦକୀୟ

# ଆସନ୍ନ ଯୁଦ୍ଧ ଆଶଙ୍କା

ମଧ୍ୟପ୍ରାଚ୍ୟରେ ଏବେ ସ୍ଥିତି ଅତି ଜଟିଳ। କୌଣସି ବି ସମୟରେ ଯୁଦ୍ଧ ହୋଇପାରେ । କେତେବେଳେ ଯେ ଆମେରିକା ଇରାନ୍ ଉପରେ ଆଟାକ୍ କରିବ, ସେମିତି କିଛି ବି କହିହେବ ନାହିଁ। ଏଠାରେ ସ୍ୱତଃ ମନରେ ଗୋଟାଏ ପ୍ରଶ୍ନ ଆସେ ଯେ ଆମେରିକାା ଏତେ ବହପ କାହିଁକି ? ଆମେରିକା ତ ଆମେରିକା । କହିବାର ମାନେ ହେଉଛି ଯେ ଗୋଟାଏ ବାହାର ମହାଦେଶର ଏସିଆ ରେ କାମ କ"ଣ ? ଆମେରିକା ମହାଦେଶ ଏସିଆ ମହଦେଶ ଭିତରେ ଅନୁପ୍ରବେଶ କରି ଏସିଆରେ ଆତଙ୍କ ଖେଳାଇବାର କିଛି ବି ଅଧିକାର ନାହିଁ। ତଥାପି ଆମେରିକା ଏବେ ପୂର୍ଣ ପ୍ରସ୍ତୁତି ପଥେ । ଆମେରିକା କୌଣସି ବି ସମୟରେ କରିପାରେ ଇରାନ୍ ଉପରେ ଆକ୍ରମଣ। କାରଣ ଉପରେ ଆମେ କିଭଳି ତର୍ଜମା କରିବା ଅବା ନ କରିବା ଏବଂ ତତ୍‌ସଂଲଗ୍ନ ନିଷ୍କର୍ସ କ'ଣ ବାହାରିବ; ସେ ବିଷୟରେ ଆମେ ସେମିତି ନିର୍ଦ୍ଦିଷ୍ଟ ଭାବେ କିଛି ବି କହିପାରିବା ନାହିଁ। ଆମେରିକା ଭଳି ବିଶ୍ୱର ସର୍ବାଧିକ କ୍ଷମତା ସମ୍ପନ୍ନ ଦେଶ ବିଷୟରେ କ'ଣ ବା କୁହାଯାଇପାରେ। ତଥାପି ଏତିକି ତ ଅବଶ୍ୟ କୁହାଯାଇପାରେ ଯେ ସେ ଯାହା ବି ହେଉ ନା କାହିଁକି, ସମସ୍ତେ ନିୟମରେ ବନ୍ଧା। ନିୟମ ତ ସମସ୍ତଙ୍କ ପାଇଁ ସମାନ। ଯଦି ଏପରି ସତ୍ୟ , ତେବେ ଆମେରିକା କି ସେହି ନିୟମ ବାହାରେ କି ଆମେରିକା ? ଉତ୍ତରଉତ୍ତରଉତ୍ତର କେବେ ବି ଯାଇନପାରେ ଆମେରିକା ସପକ୍ଷରେ। ଯଦି ନିୟମ ବାହାରେ ନୁହେଁ ଆମେରିକା, ତେବେ କୋଉ ସାହାସରେ ଆମେରିକା ଏଭଳି ଦୁଃସାହସ ପ୍ରକାଶ କଲା ଏସିଆ ଭିତରେ ? କାରଣଟା ବିଷୟରେ ସେମିତି ବେଶି କିଛି ତର୍ଜମା କରିବାର ଆବଶ୍ୟକ ନାହିଁ। କାରଣ କଥାଟା ଏବେ ଦାଣ୍ଡରୁ ଯାଇ ହାଟରେ ଗଡ଼ିଲାଣି । ଏବେ ସେମିତି କିଛି ତର୍ଜମା କରିବାର ଆବଶ୍ୟକ ନାହିଁ। ଏବେ କେବଳ ଚେତାବନୀ ଅବା ସତର୍କ ବାଣୀ। ଅତି ସରଳ ଭାବେ ଏତିକି କୁହାଯାଇପାରେ ଯେ ଅମେରିକା ବିଶ୍ୱରେ ନିଜର ପ୍ରତିପଉତ୍ତରଉତ୍ତରି , ପ୍ରତିଷ୍ଠା ଏତେ ଉଚ୍ଚା କରିଛି ଯେ କୌଣସି ବି ସମୟରେ ଆମେରିକା କାହା ଉପରେ ଆକ୍ରମଣ କରିପାରେ । ତେବେ ସେଭଳି କୌଣସି ବି ସମ୍ବେଦନଶୀଳ ପଦକ୍ଷେପ ନେବା ପୂର୍ବରୁ ଆମେରିକା ଯଥା ସମ୍ଭବ ଭାବିଚିନ୍ତି ସେଭଳି କିଛି ପଦକ୍ଷେପ ନେବା ଦରକାର ନଚେତ୍ କେତେବେଳେ କିଛି ବି ଅଘଟଣ ଘଟିପାରେ । ଆଞ୍ଚଳିକ ଭାଷାରେ ଯେମିତି କଥାଟା ନାହିଁ ଯେ ବାଘକୁ ଫାଗର ଭୟ। ଠିକ୍ ସେମିତି ବିଶ୍ୱରେ ବି ସେମିତି କେତେକ ଦେଶ ଅଛନ୍ତି ଯେଉଁମାନେ ଆମେରିକୀୟ ହମଲାର କଡ଼ା ଜବାବ୍ ଦେବାପାଇଁ ସମ୍ପୂର୍ଣ୍ଣ ସମର୍ଥ । ସେ ସବୁ ଦେଶ ହାରିବେ କି ଜିତିବେ, ତାହା ତ ସମୟ କହିବ; ତେବେ ସେମାନେ କିନ୍ତୁ ପୂରା ଭିଡ଼ିଯିବେ ଆମେରିକା ସହିତ । ଯାହା ଭିତରେ ରହିଛି ନିଶ୍ଚିତରୂପେ ଉତ୍ତରଉତ୍ତରଉତ୍ତର କୋରିଆ ଯାହାର ମୁଖ୍ୟ କିମ୍ ଜଙ୍ଗ୍ ଉନ୍ ଯେ କି ଭାରୀ ଖତରନାକ୍ , ଭାରୀ କ୍ଷତିକାରକ। ଆମେରିକା କେବେ ବି ଲାଗିବ କି ତା'ର ସାଙ୍ଗରେ। କେବେ ବି ନୁହେଁ କାରଣ କ'ଣ ତାହା ବି ଜାଣେ ଆମେରିକା। ଏତେ ଗୋଟାଏ ଛୋଟିଆ ଦେଶ ଅଥଚ ଆମେରିକାର ଏତେ ଡର କହିଁକି ? ସେ ବିଷୟରେ ଆମେ ତ କିଛି କହିପାରିବା ନାହିଁ। ଯାହା ବି କହିବ , ସେ ବିଷୟରେ କେବଳ ଜାତିସଙ୍ଘ ହିଁ କହିବ । ଆମେ ତମେ କିଏ ? ହେଲେ ଆମେ ତମେ ଆମେରିକାର ଏସିଆ ଭିତରେ ଅନୁପ୍ରବେଶ ଉପରେ ନିଶ୍ଚିତରୂପେ କହିବୁ ? କାରଣ କଥାଟା ଏବେ ବହୁତ ବାଟ ଆଗକୁ ବଢ଼ିଗଲାଣି; କଥାଟା ବହୁତ ଆଗକୁ ଗଡ଼ିଗଲାଣି । ଏବେ କେବଳ ଯୁଦ୍ଧ ଯାହାକୁ ନେଇ ଆମେରିକା ପକ୍ଷରୁ ଇରାନକୁ ଚେତାବନୀ ମଧ୍ୟ ଦିଆଯାଇଛି। କେବଳ ଚେତାବନୀ ନୁହେଁ, ଚରମ ଚେତାବନୀ। ଆମେରିକା ପକ୍ଷରୁ ଏବେ ଇରାନକୁ ଜାରି କରାଯାଇଛି ଚରମ ଚେତାବନୀ। କୌଣସି ବି ସମୟରେ ଆମେରିକା ସହିତ ଇରାନର ଯୁଦ୍ଧ ହୋଇପାରେ। କାରଣ ହେଉଛି ଇରାନର କଟ୍ଟର ଇସଲାମିକ ନୀତି। ଯାହା କାରଣରୁ ଆମେରିକା ଖପ୍ପା । ତା'ସହିତ ଇରାନର ଆଣବିକ ପ୍ରସ୍ତୁତି ପ୍ରକ୍ରିୟା । ଯାହା ଆମେରିକାକୁ ପୂରାପୂରି ବିଗାଡ଼ିଦେଇଛି । ଆମେରିକାର ମଥା ବିଲ୍‌କୁଲ୍ ଖରାପ୍ ହୋଇଯାଇଛି। ଏଣୁ ଏବେ ଆମେରିକା ଇରାନକୁ ଦେଇଛି ଚରମ ଚେତାବନୀ । ସୁଧୁରିଯାଉ ଇରାନ୍ ନଚେତ ଛାଡ଼ିବନି ଆମେରିକା । ଏମିତି ବି ବଡ଼ଭାଇଗିରି ଦେଖାଇବାରେ ମାହିର ଆମେରିକା । ଏଣୁ ଆମେରିକା ଏବେ ଇରାନ୍ ଉପରେ ଯେ କୌଣସି ବି ସମୟରେ କରିପାରେ ଆକ୍ରମଣ। ପ୍ରସ୍ତୁତି ବି ଶେଷ ପର୍ଯ୍ୟାୟରେ। ଇରାନ୍ ଉପକୂଳ ଆରବ ସାଗରରେ ଆମେରିକା ବି ତା'ର ସୈନ୍ୟ ସାମନ୍ତ ଠୁଳ କରିସାରିଲାଣି । କୌଣସି ବି ସମୟରେ ଆମେରିକା ଇରାନ୍‌କୁ ଉପରେ ଆକ୍ରମଣ କରିବାର ସମ୍ଭାବନା ରହିଛି । ଜଳ, ସ୍ଥଳ ଏବଂ ଆକାଶମାର୍ଗରୁ ସବୁଆଡୁ ଇରାନ୍ ଉପରେ ହୋଇପାରେ ଆକ୍ରମଣ। ଯେମିତି କି ଆମେ ପୁର୍ବରୁ କହିସାରିଛୁ ଯେ ବାଘକୁ ଫାଗର ଭୟ। ଆାମରିକା ଏବେ ତା'ର ଶେଷ ସମୀକ୍ଷା କିନ୍ତୁ ସତର୍କ ବୈଠକ ଜାରି ରଖିଛି। ଇରାନ୍ ବି ହାତ ବାନ୍ଧି ବସିନି। ସେ ବି ପୂରାପୂରି ତୟାର। ଏବେ ଦେଖିବାକୁ ବାକି ରହିଲା ଆଗାମୀ ସମୟର ସ୍ଥିତି ଉପରେ ।

## ଶ୍ରମର ମୂଲ୍ୟ

ଜଣକର କେବଳ ଗୋଟାଏ ପୁଅ। ସେତେବେଳେ ସମାଜରେ ସେତେ ଅଗ୍ରଗତି ଘଟିନଥିଲା କି ସମାଜ ସେତେ ଉନ୍ନତ ପଥରେ ଯାଇନଥିଲା। ଟିକିଏ ପୁରୁଣା କାଳର କଥା। ଯେତେବେଳେ ବିଜ୍ଞାନ ବି ସେତେ ଅଗ୍ରଗତି କରିନଥିଲା। ସେତେବେଳେ ବି ଲୋକେ ପାଠ ପଢ଼ିବା ବିଷୟରେ ଅଳ୍ପ ବହୁତ ଜାଣିଥିଲେ। ହେଲେ ଲୋକଟା କିନ୍ତୁ ବେଶି ପାଠଶାଠ ପଢ଼ି ପାରିନଥିଲା। ତଥାପି ସେ ତା'ର ପୁଅଟାକୁ କିନ୍ତୁ ମଣିଷ କରିବାରେ ସଫଳ ହୋଇଥିଲା। ନିଜେ ନ ପଢ଼ିଲେ କ'ଣ ହେଲା, ନିଜର ପିଲାଟାକୁ କିନ୍ତୁ ଭଲଭାବେ ପାଠ ପଢ଼ାଇବାରେ ସକ୍ଷମ ହୋଇଥିଲା। ନିଜର ପିଲାଟାକୁ କିନ୍ତୁ ଭଲ ମଣିଷ କରିବାରେ ସଫଳ ହୋଇଥିଲା। ସେପାଇଁ ସେ ତା' ଜୀବନରେ ବହୁତ ପରିଶ୍ରମ କରିଥିଲା। ବହୁତ ଶ୍ରମ ସ୍ୱୀକାର କରି ସେ ତା'ର ଏକମାତ୍ର ପୁଅକୁ ଗୋଟାଏ ଭଲ ମଣିଷ କରି ଗଢ଼ି ତୋଳିବାରେ କିନ୍ତୁ ଶେଷରେ ସକ୍ଷମ ହୋଇଥିଲା। ହେଲେ କି ହେବ ? ସବୁ କିଛି ଗୋଳମାଳ ହୋଇଗଲା ।ସବୁକିଛି ଓଲଟପାଲଟ ହୋଇଗଲା। ପୁଅଟା ପାଠଶାଠ ପଢ଼ି ମଣିଷ ତ ହୋଇଗଲା ହେଲେ ମଝିରେ ମଝିରେ କିଛି ଫେକଚାମି ପ୍ରଦର୍ଶନ କରୁଥିଲା ଯାହାର ପରିଣାମ କେବଳ ତା'ର ବାପାକୁ ନୁହେଁ ପୂରା ପରିବାରକୁ ଭୋଗିବାକୁ ପଡ଼ିଲା। ହେଲେ କି ହେବ ? ପୁଅଟା ତ ଜନମ ଦେଇଛି ଯେତେବେଳେ, କି କରିବ ସେ ? ପୁଅଟାକୁ ତ ବାହା ଦେବାକୁ ପଡ଼ିବ। ଯେମିତି ହେଲେ ବି ପୁଅଟାକୁ ତ ବାହାଦେବାକୁ ପଡ଼ିବ। ପାଠଶାଠ ପଢ଼ି ପୁଅ ତ ବଡ଼ ମଣିଷ ହୋଇଗଲା। ହେଲେ ପାଠଶାଠ ପଢ଼ି ପୁଅ ଭଲ ମଣିଷ କିନ୍ତୁ ହୋଇପାରିଲା ନାହିଁ। ଥରେ ବାପା ମୁହଁରେ ଓଲଟାଇ ଦି ପଦ କଥା କହିଦେଲା ସେ । ବଡ଼ ହେଲାଣି ଯେତେବେଳେ, ସେତେବେଳେ କଥା ତ କହିବ ହେଲେ ବାପା ମୁହଁରେ ଓଲଟାଇ କହିବାର କିନ୍ତୁ ସେଭଳି ପୁଅର ସାହସ ଦେଖି ବାପା ବି କିଛି ସମୟ ପାଇଁ ଚୁପ୍ ହୋଇଗଲେ। ତେବେ କିଛି ସମୟର ନୀରବତା ଭଙ୍ଗକରି ବାପା ପୁଣି ତାଙ୍କ ପୁଅକୁ ଯେବେ ପଚାରନ୍ତେ କି ବାପା ମୁହଁରେ ପୁଅର ଏମିତି ଓଲଟାଇ କହିବା ପଛରେ କାରଣ କ'ଣ ହୋଇପାରେ ? ଇଏ ବି ଗୋଟାଏ ପାଠ, ଯେବେ କି ପୁଅର ଉତ୍ତରଉତ୍ତରଉତ୍ତର କିଛି ଏହିଭଳି ଥିଲା। ପୁଅର ମୁହଁରୁ କିଛି ଏମିତି ଉତ୍ତରଉତ୍ତରଉତ୍ତର ଶୁଣି ବାପା ବି କିଛି ସମୟ ପାଇଁ ନୀରବ ହୋଇଗଲେ। ଭାବିଲେ ଏଇଟା ବି ସେହି ପାଠର ନିୟମ ଭିତରେ ଥାଇପାରେ କି ? ଏମିତି କିଛି ଭାବି କିଛି ସମୟ ପାଇଁ ନୀରବିଗଲେ ବାପା। ମନେ ମନେ ଭାବୁଥାଲେ ପାଠୁଆ ଏବଂ ଅପାଠୁଆ ଭିତରେ ଫରକ୍ ଏମିତି ବି ଫରକ୍ ହୋଇପାରେ ! ଫରକ୍ ତ ରହିବ ନିଶ୍ଚୟ। ତେବେ କେଉଁ ପରିସ୍ଥିତିରେ କିଏ କିଭଳି ହେବ ।

# ଏପଷ୍ଟିନ ଫାଇଲ୍: ଭୋଗବାଦର ସଇତାନୀ ଚେହେରା

**ଗୋପାଳ ମହାପାତ୍ର**

ଏ ପଷ୍ଟିନ ଫାଇଲ ସାରା ଦୁନିଆକୁ ହତ ଚକିତ କରିଦେଇଛି। ଏହି ଫାଇଲରେ ଥିବା ତଥ୍ୟ ସବୁ ଏବେ ଧିରେ ଧିରେ ବାହାରକୁ ଆସିବାରେ ଲାଗିଛି ଯାହା ଅତି ଘୃଣ୍ୟ ଓ ନିନ୍ଦନୀୟ। ଏଥିରୁ ସ୍ପଷ୍ଟ ଯେ ଅତ୍ୟଧିକ ଭୋଗବାଦୀ ଜୀବନଶୈଳୀ ମଣିଷକୁ ସଇତାନରେ ପରିଣତ କରିଦେଇଥାଏ। ଏଭଳି ଜଘନ୍ୟ କୃତ୍ୟକୁ ଅନୁକରଣ କରୁଥିବା ଲୋକେ ଏବେ ନିଜକୁ ସତ କରିବା ଦରକାର ଓ ଭାରତୀୟ ଜୀବନଶୈଳୀର ମୂଲ୍ୟକୁ ସମ୍ମାନ ଜଣାଇ ପୁନଃ ସେଇ ଭୋଗବାଦୀ ଜୀବନଶୈଳୀରୁ ମୁହଁ ଫେରାଇବା ଦରକାର। ଆମେରିକାର ନ୍ୟାୟ ବିଭାଗ ପକ୍ଷରୁ ଜାରି କରାଯାଇଥିବା ତଥ୍ୟ/ ଦସ୍ତାବିଜ୍, ଭୟାବହ ଛବି ସବୁ ତଥା ଭିଡିଓ ଓ ଇମେଲ କେବଳ ଯେ ଉଚ୍ଚପଦସ୍ଥ ନେତା, ଅରବପତି ଏବଂ ରାଜନେତାଙ୍କ କଳା କାରନାମକୁ ଉଜାଗର କରିଛି ତା ନୁହେଁ ବରଂ ସେଇ ଭୋଗବାଦୀ ମାନସିକତା ବାବଦରେ ସ୍ପଷ୍ଟ କରିଦେଇଛି ଯେ ମଣିଷ କିପରି ଶଇତାନ ପାଲଟି ଯାଇଛି। ଆମେରିକାର ରାଷ୍ଟ୍ରପତି ଡ଼ୋଲାଲଡ୍ ଟ୍ରମ୍ପ, ପୁର୍ବତନ ରାଷ୍ଟ୍ରପତି ବିଲ୍ କଣ୍ଟନ, ଅରବପତି ଏଲନ ମସ୍କ, ପ୍ରିନ୍ସ ଏଣ୍ଡ୍ରୁଙ୍କ ନାମ ଏଥିରେ ରହିଛି। ଭାରତର ଧନୀକ ଅନୀଲ ଅମ୍ବାନୀ, ମନ୍ତ୍ରୀ ହରଦୀପ ପୁରୀଙ୍କ ନାମ ରହିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନାମ ଏହି ଏପଷ୍ଟିନ ଫାଇଲରେ ରହିଥିବା ସମ୍ପର୍କରେ ଜଣାପଡିଛି। ଏହା ଲଜ୍ଜାଜନକ ନିଶ୍ଚୟ।

ଜେଫ୍ରି ଏପଷ୍ଟିନ ଏକବିଂଶ ଶତାବ୍ଦିର ସବୁଠାରୁ ବଡ଼ ଜଘନ୍ୟ ଅପରାଧି ଥିଲେ। ତାଙ୍କର ଏକ ନିଜସ୍ୱ ଦ୍ୱୀପ ଥିଲା ଯାହାର ନାମ ହେଉଛି ସେଣ୍ଟ ଜେମ୍ସ ଦ୍ୱୀପ। ଏପଷ୍ଟିନଙ୍କର ଏହି ଦ୍ୱୀପକୁ ଦୁନିଆର ଅନେକ ବଡ଼ ବଡ଼ ଲୋକ ଯାଉଥିଲେ। ସେହି ଦ୍ୱୀପରେ ଏହି ଶଇତାନ ରପୀ ବଡ ବଡ ଲୋକମାନେ ନାବାଳିକା ମାନଙ୍କୁ ଯୌନ ଶୋଷଣ କରୁଥିଲେ। ଏପଷ୍ଟିନଙ୍କ ପାଖରେ ନିଜର ପ୍ରାଇଭେଟ ଜେଟବିମାନ ଓ ହେଲିକାପ୍ଟର ମଧ୍ୟ ଥିଲା। ନାବାଳିକା ମାନଙ୍କ ସହ କ୍ରୁରତା, ବ୍ଲାକମେଲର ତନ୍ତ୍ର ଏବଂ ଏଲିଟ କ୍ଲବର ଏହି ଭୟାବହ ସତ୍ୟ ସଇତାନୀ ଷଡ଼ଯନ୍ତ୍ର ଠାରୁ ଢେର ଗୁଣ ଅଧିକ ଥିଲା ବୋଲି ପ୍ରକାଶିତ ତଥ୍ୟରୁ ସ୍ପଷ୍ଟ ଜଣାପଡୁଛି। ଏହି ପ୍ରସଙ୍ଗ ଉପରେ ବିଚାର କଲେ ସ୍ପଷ୍ଟ ଯେ ଏହା କେବଳ ବ୍ୟକ୍ତିଗତ ପତନ ନୁହେଁ ଏହା ଭୋଗବାଦୀ ଜୀବନ ଶୈଳୀର କାରଣ ଏବଂ ଶକ୍ତିଶାଳୀ ଲୋକଙ୍କର ରାକ୍ଷସ ରେ ପରିଣତ ହେବାର ଚମକପ୍ରଦ କାହାଣୀ ଅଟେ। ଅସିମୀତ ଭୋଗ ଏବଂ ଧନ ଲିପସାର କାରଣରୁ ହେଉଥିବା ନୈତିକ ପତନ ଏବଂ ଦୁଷ୍କର୍ମରେ ମାନବତା ଗୁମୁରି ଗୁମୁରି କାନ୍ଦୁଛି। ଭାରତ ଭଳି ଆଧାତ୍ମକୁ ବିଶ୍ୱାସ କରୁଥିବା ସମାଜ ଭୋଗବାଦ ଠାରୁ ବହୁ ଦୂରରେ ଥିଲା କନ୍ତୁ ଧିରେ ଧିରେ ଭାରତରେ ମଧ୍ୟ ଭୋଗବାଦ ପ୍ରତି ଆକର୍ଷଣ କରିବାରେ ଲାଗିଛି। ଏବେ ନିଜର ମୂଳଭୁତ ଜୀବନ ମୂଲ୍ୟ ଆଡ଼କୁ ଫେରିବାକୁ ପଡିବ, ଅର୍ଥାତ୍ ମୂଲ୍ୟ ଯାହା ସମ, କରୁଣା ଏବଂ ଆତ୍ମ ନିୟନ୍ତ୍ରଣର ଶିକ୍ଷା ଦେଇଥାଏ। ଧନୀ-ପ୍ରଭାବଶାଳୀ ଲୋକେ ମଧ୍ୟ ଏଥି ପ୍ରତି ଆସ୍ଥା ଏବଂ ବିଶ୍ୱାସ ରଖିବା ଉଚିତ୍ କନ୍ତୁ ପାଖଣ୍ଡ ମାନଙ୍କ ଠାରୁ ଦୂରେଇ ରହିବା ଆବଶ୍ୟକ।

ଏପଷ୍ଟିନ ଫାଇଲସ ପ୍ରମାଣ କରିଦେଇଛି ଯେ ଭୋଗବାଦ ମଣିଷକୁ ପଶୁଠାରୁ ନିମ୍ନସ୍ତରକୁ ମଧ୍ୟ ଠେଲି ଦେଇଥାଏ। ବ୍ୟକ୍ତି ସ୍ୱାଧିନତା ଆଳରେ ଅସୀମିତ ସେକ୍ସ, ଡ୍ରଗ୍ସ ଏବଂ ଧନ ପଛରେ ଗୋଡ଼ାଉଥିବା ସମାଜ ଏମିତି ଅନ୍ଧାର ଭିତରକୁ ଚାଲିଯାଏ ଯେଉଁଠି ଜଘନ୍ୟ କୃତ୍ୟ କଲେ ବି ତାର ବିବେକ ତାକୁ ବାଧା ଦେଇନଥାଏ। ଭୋଗବାଦ ହେଉଛି ଏମିତି ଏକ ବିଚାରଧାରା ଯାହା ଭୌତିକ ସୁଖ- ସୁବିଧା, ଐଶ୍ୱର୍ଯ୍ୟ ଏବଂ ଇନ୍ଦ୍ରିୟ ସୁଖକୁ ଜୀବନର ଏକମାତ୍ର ଉଦେଶ୍ୟ ଏବଂ ସର୍ବୋଚ୍ଚ ସୁଖ ବୋଲି ଗ୍ରହଣ କରିନେଇଥାଏ। ଏହା ବସ୍ତୁ ର ଉପଭୋଗ ଏବଂ ମାଲିକାନା କୁ ହିଁ ଖୁସିବୋଲି କହିଥାଏ। ମଉଜ- ମସ୍ତିକୁ ଜୀବନର ଲକ୍ଷ ମାନି ନେଇ ପ୍ରକୃତିକୁ କେବଳ ଭୋଗର ସାଧନ ବୋଲି ଗ୍ରହଣ କରାଯାଏ। ଏପଷ୍ଟିନ ପ୍ରକରଣରୁ ସ୍ପଷ୍ଟ ଯେ ଭୋଗବାଦ ଘୃଣ୍ୟ ତଥା ସଇତାନୀ ଲାଳସା ଜାଗ୍ରତ କରାଇଥାଏ। ଏଠି ନା ପାରିବାରିକ ବନ୍ଧନ ଥାଏ ନା ସାମାଜିକ ମର୍ଯ୍ୟଦା। ଯେଉଁ ଭାରତୀୟ ଏହି ଜୀବନଶୈଳୀକୁ ଆପଣେଇଛନ୍ତି ବା ଆପଣେଇବା ପାଇଁ ଚନ୍ତା କରୁଛନ୍ତି ସେମାନଙ୍କ ପାଇଁ ଏପଷ୍ଟିନ ଫାଇଲ ଏକ ଚେତାବନୀ ।ଭୋଗବାଦ କାରଣରୁ ରୋମାନ ସାମ୍ରାଜ୍ୟର ପତନ ଘଟିଥିଲା। ବିଳାସୀ ଜୀବନ ବିତାଉଥିବା ଭାରତର ଅନେକ ରାଜା-ମହାରାଜାଙ୍କ ପତନ ମଧ୍ୟ ହୋଇଥିବା କଥା ଇତିହାସରେ ଉଲ୍ଲେଖ ରହିଛି। ୧୯୬୦ର ହିପ୍ପି ଆନ୍ଦୋଳନ ସେକ୍ସ କ୍ରାନ୍ତିର ପ୍ରତୀକ ଥିଲା କନ୍ତୁ ଏହାର ପରିଣାମ ଭୟାବହ ହୋଇଥିଲା। ଯୌନ ସ୍ୱଚ୍ଛନ୍ଦତା କାରଣରୁ ଯୌନ ଶୋଷଣ, ଯୌନରୋଗ ଏବଂ ଅପରାଧ ମଧ୍ୟ ବଢ଼ିଲା। ଏପଷ୍ଟିନ ଫାଇଲ ଉଜାଗର ହେବା ପରେ ଧନୀ, ରାଜନେତା ଓ ଶକ୍ତିଶାଳୀ ମାନେ ନିନ୍ଦନୀୟ କୃତ୍ୟ କେମିତି କରୁଥିଲେ ସେ ବାବଦରେ ଅନେକ କଥା ଏବେ ଧିରେ ଧିରେ ପଦାକୁ ଆସୁଛି। ଭାରତର ସଂସ୍କୃତି ଭୋଗ ନୁହେଁ ସମ ଶିଖାଇଥାଏ କନ୍ତୁ ଗ୍ଲୋବାଲାଇଜେସନ ଭୋଗବାଦ ପ୍ରତି ଆକର୍ଷଣକୁ ବଢ଼ାଇ ଦେଇଛି ଫଳତଃ ଅନେକ ଭାରତୀୟ ମଧ୍ୟ ଏଥିପ୍ରତି ଆକର୍ଷିତ ହେଉଛନ୍ତି। ହିନ୍ଦୁ ସଂସ୍କୃତିରେ ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ ଏବଂ ସନ୍ୟାସ ଆଶ୍ରମର ବ୍ୟବସ୍ଥା ମାଧ୍ୟମରେ ଭୋଗକୁ ନିୟନ୍ତ୍ରିତ କରାଯାଇଛି। ପରିବାର କେନ୍ଦ୍ରୀତ ସମାଜ ଗୁରୁଶିଷ୍ୟ ପରମ୍ପରା ଏବଂ ସାମୁହିକ ହିନ୍ଦୁ ସଂସ୍କୃତିକୁ ମଜଭୁତ କରିଛି। ରାମାୟଣ ଏବଂ ମହାଭାରତରେ ଭୋଗ ପ୍ରତି ଅତ୍ୟଧିକ ଲାଳସାର ପରିଣାମ ସମ୍ପର୍କରେ ସ୍ପଷ୍ଟ ଉଲ୍ଲେଖ ରହିଛି। ରାବଣ ଅତ୍ରଧିକ ଭୋଗ ଲାଳଷା କାରଣରୁ ପଥଭ୍ରଷ୍ଟ ହୋଇ ଥିଲା ଏବଂ କୌରବ ମାନଙ୍କ ପତନ ମଧ୍ୟ ଅତି ଲାଳସାର କାରଣରୁ ହୋଇଥିଲା। ଏବେ ଏପଷ୍ଟିନ ଫାଇଲ ସାର୍ବଜନୀନ ହେବା ପରେ ନିଜକୁ ବିଶିଷ୍ଟ ବୋଲି ପ୍ରମାଣିତ କରିଥିବା କେତେକ ବ୍ୟକ୍ତିବିଶେଷ, ରାଜନେତା ଏବେ ଅପବିତ୍ର ହୋଇ ଯାଇଛନ୍ତି।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# ସ୍ମୃତିରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

**ହିମାଂଶୁ ଶେଖର ଆଚାର୍ଯ୍ୟ**

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତକୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦିଆଯାଇଛି। କାନ୍ତକବିଙ୍କ ଏହି ସଙ୍ଗୀତ ରଚନା ହେବାର ୧୧୫ବର୍ଷପରେ ଏହାକୁ ଐତିହାସିକ ସ୍ୱୀକୃତି ମିଳିଛି ।ଏଠାରେ ଉଲ୍ଲେଖ୍ୟ ଯୋଗ୍ୟ ଯେ ଓଡିଆ ଜାତିର ଅସ୍ମିତା ଓ ଭାବାବେଗର ସଙ୍ଗୀତ ହେଉଛି ବନ୍ଦେ ଉତ୍କଳ ଜନନୀ। କାନ୍ତକବିଙ୍କ ଏହା ହେଉଛି କାଳଜୟୀ ସୃଷ୍ଟି ।ଏଥିରେ ଅଫୁରନ୍ତ ଶକ୍ତି ଓ ସୌନ୍ଦର୍ଯ୍ୟ ଓ ଆଗକୁ ବଢିବାର ପ୍ରେରଣା ରହିଛି। ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଦ୍ୱରା ପ୍ରସ୍ତୁତ ଶୈଳୀରେ ଗାନ କରାଯିବ 'ବନ୍ଦେ ଉତ୍କଳ ଜନନୀ'। ଗୀତର ଅବଧି ୨ମିନିଟ ୧୧ ସେକେଣ୍ଡ ରହିବା ସହିତ ଗୀତର ସମସ୍ତ ପଦ ରହିବ ବୋଲି ରାଜ୍ୟ ସରକାରଙ୍କ ତରଫରୁ ସୂଚନା ଦିଆଯାଇଛି ।

ଏଠାରେ ସୂଚନାଯୋଗ୍ୟ ଯେ, କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ରଚିତ 'ବନ୍ଦେ ଉତ୍କଳ ଜନନୀ' ୧୯୧୨ ମସିହାରେ ବାଲେଶ୍ୱରଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଅଧିବେଶନରେ ଗାନ କରାଯାଇଥିଲା। ପରେ ୧୯୩୬ ମାସିହା ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଓଡିଶା ଗଠନ ହେଲାପରେ ଏହାକୁ ରାଜ୍ୟ ସଙ୍ଗୀତ ଭାବେ ଗାନ କରାଯାଇଥିଲା ।ଆରମ୍ଭରୁ ବିଦ୍ୟାଳୟମାନଙ୍କରେ ଏବଂ ସଭା ସମିତିରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଉଥିଲେ ମଧ୍ୟ ଏହାର ବିଧିବଦ୍ଧ ସରକାରୀ ମାନ୍ୟତା କିଛି ନଥିଲା । ୧୯୯୪ ମସିହା ଡିସେମ୍ବର ୨୨ ତରିଖରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ତତ୍‌କାଳୀନ ବିଧାନସଭା ବାଚସ୍ପତି ସର୍ବଦଳୀୟ ବୈଠକ ଡାକି 'ବନ୍ଦେ ଉତ୍କଳ ଜନନୀକୁ' ବିଧାନସଭାର ପ୍ରତ୍ୟେକଟି ଅଧିବେଶନର ଉଦ୍‌ଯାପନୀ ସଙ୍ଗୀତ କରିବାକୁ ନିଷ୍ପଉତ୍ତରଉତ୍ତରି ନେଇଥିଲେ। ସେବେଠାରୁ ବିଧାନସଭାରେ ଅଧିବେଶନର ଶେଷ ଦିନରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଅସୁଛି। ଶେଷରେ ସେହି ଶୁଭଦିନ ଆସିଲା ଓ କ୍ୟାବିନେଟ୍‌ରେ 'ବନ୍ଦେ ଉତ୍କଳ ଜନନୀ' ରାଜ୍ୟ ସଙ୍ଗୀତର ମାନ୍ୟତା ପାଇଲା । ଏଥିପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ ହୋଇଛି ଯଥା- ୧. ସମ୍ପୂର୍ଣ୍ଣ ଗୀତକୁ ଗ୍ରହଣ କରାଯାଇଛି , ୨-ସୂଚନା ଓ ଲୋକ ସମ୍ପର୍କ ବିଭାଗ ସ୍ୱର, ଶୈଳୀ ଓ ରେକର୍ଡିଂ ସ୍ଥିର କରିବ, ୩- ସରକାରୀ କାର୍ଯ୍ୟକ୍ରମ ଗୁଡିକରେ ବିନା ବାଦ୍ୟରେ ଗାନ କରାଯିବ, ୪-ସ୍କୁଲ, କଲେଜ ଓ ସଭାସମିତିରେ ବାଦ୍ୟଯନ୍ତ୍ର ସଙ୍ଗତରେ ଗାନ କରାଯିବ, ୫-ବୟସ୍କ-ଅସୁସ୍ଥ-ଭିନ୍ନକ୍ଷମ ଓ ଶିଶୁ ଗାନ ବେଳେ ଛିଡାହେବେନାହିଁ , ୬-ପାଠ୍ୟକ୍ରମରେ ଅର୍ନ୍ତଭୂକ୍ତ କରାଯିବ । କାନ୍ତକବିଙ୍କ ରଚନାରେ ଦେଶ ଓ ଜାତିପ୍ରେମର ଝଲକ ଦେଖିବାକୁ ମିଳିଥାଏ। ଏଠାରେ ପ୍ରଣିଧାନଯୋଗ୍ୟ ଯେ, ଯେତେବେଳେ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଉଥିଲା ସେତେବେଳେ ଉତ୍କଳ ଗୌରବ ମଧୁସୁଦନ ଦାସ କାନ୍ତକବିଙ୍କର ଭୁୟସୀ ପ୍ରଶଂସା କରୁଥିଲେ।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ୧୮୮୮ ମସିହା ଡିସେମ୍ବର୯ ତାରିଖରେ ଗୁରୁବାର ଦିନ ଭଦ୍ରକ ଜିଲ୍ଲାର ତିହିଡି ବ୍ଲକର ତାଳପଦା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ।ତାଙ୍କ ପିତାଙ୍କ ନାମ ଚୌଧୁରୀ ଭାଗବତ ପ୍ରସାଦ ସମାନ୍ତରାୟ ଓ ମାତାଙ୍କ ନାମ ରାଧାମଣୀ। ଗୁରୁବାର ଦିନ ଜନ୍ମହୋଇଥିବାରୁ ତାଙ୍କନାମ ଲକ୍ଷ୍ମୀକାନ୍ତ ରଖାଯାଇଥିଲା। ପରେ ସେତେବେଳର ସୁନାମଧନ୍ୟ ଶିକ୍ଷାବିତ୍ ଓ ସମାଜସେବୀ ଲକ୍ଷ୍ମୀନାରାୟଣ ସାହୁ ପ୍ରଥମେ ତାଙ୍କୁ କାନ୍ତକବି ଭାବରେ ସମ୍ବୋଧନ କରିଥିଲେ ।ତା ପରଠୁ ସେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ରୂପେ ସୁପରିଚିତ ହୋଇଥିଲେ। ଭାଗବତ ପ୍ରସାଦ ବିହାର-ଓଡିଶା ବିଧାନସଭାରେ ଚାରିଥର ପ୍ରତିନିଧିତ୍ୱ କରିଥିଲେ ଓ ଦୁଇଥର ଉପବାଚସ୍ପତି ଦାୟିତ୍ୱ ନିର୍ବାହ କରିଥିଲେ ।ତାପରଠୁ ସେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଭାବେ ସୁପରିଚିତ ହୋଇଥିଲେ ।୧୯୨୦-୨୧ର ଅସହଯୋଗ ଆନ୍ଦୋଳନ ଏବଂ ୧୯୩୦ର ଲବଣସତ୍ୟାଗ୍ରହ କାନ୍ତକବିଙ୍କ ପରିବାର ଉପରେ ଗଭୀର ପ୍ରଭାବ ପକାଇଥିଲା। ତାଙ୍କ ବାପା ଭାଗବତ ପ୍ରସାଦ ସାମନ୍ତରାୟ, ଭଉଣୀ କୋକିଳା ଦେବୀ ଓ ଜାହ୍ନବୀ ଦେବୀ ଏବଂ ସାନଭାଇ କମଳାକାନ୍ତ ପ୍ରମୁଖ ୧୯୩୦ ମସିହାର ଇଞ୍ଚୁଡି ଲବଣ ସତ୍ୟାଗ୍ରହରେ ପ୍ରତ୍ୟକ୍ଷଭାବେ ଭାଗନେଇଥିଲେ। ସେହି ସମୟରେ ସାଧାରଣ ଜନତାଙ୍କୁ ପ୍ରବଉତ୍ତରଉତ୍ତରର୍ଦ୍ଧାଇବା ନିମନ୍ତେ ଏବଂ ସେମାନଙ୍କୁ ଜାତୀୟତା ଭାବରେ ଆକର୍ଷଣ କରିବାନିମନ୍ତେ ସେ ନିଜ କଲମର ସାହାଯ୍ୟ ନେଇଥିଲେ ଏବଂ ଗଳ୍ପ, ଉପନ୍ୟାସ, ନାଟକ ଓ ଦେଶାତ୍ମକବୋଧ ସଂଗୀତ ଲେଖୁଥିଲେ ।

ଓଡିଆ ଜାତିର ଇତିହାସ ଘଟଣା ବହୁଳ । ପ୍ରତିଟି ସଫଳତା ଓ ବିଜୟପାଇଁ ଓଡିଆ ଜାତିକୁ ସଂଘର୍ଷ କରିବାକୁ ପଡିଛି। ଯେତେବେଳେ ସାରା ଦେଶ ଇଂରେଜ ମାନଙ୍କ ବିରୋଧରେ ସ୍ୱଧୀନତାପାଇଁ ଲଢୁଥିଲା ସେତେବେଳେ ଓଡିଶା ହେଉଛି ଏକମାତ୍ର ରାଜ୍ୟ ଯେକି ଭାଷା ଭିତ୍ତଉତ୍ତରଉତ୍ତରିରେ ସ୍ୱତନ୍ତ୍ର ପ୍ରଦେଶ ପାଇବା ପାଇଁ ସଂଗ୍ରାମ କରୁଥିଲା । ତିନିଦଶନ୍ଧିରୁ ଉର୍ଦ୍ଧ୍ୱ ସମୟର ପ୍ରୟାସ ପରେ ୧୯୩୬ ମସିହାରେ ଏପ୍ରିଲ ପହିଲାରେ ଆମେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ମାନ୍ୟତା ପାଇଲୁ । ଏ କଥା ସତ ଯେ, ବନ୍ଦେ ଉତ୍କଳ ଜନନୀରେ ମାଟି ମାର ବନ୍ଦନା ଅତି ସୁନ୍ଦର ଭାବେ ବର୍ଣ୍ଣିତ ହୋଇଛି ।

ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ - ୯୩୩୭୨୨୧୫୨୪

# ରାଜ୍ୟ ବଜେଟ ପ୍ରଚାର ସର୍ବସ୍ୱ ନହେଉ

**ସୌଭାଗ୍ୟ ରଂଜନ ମହାନ୍ତି**

ଅର୍ଥ ବିଭାଗ ନିଜ ହାତରେ ରଖିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥୀକ ବର୍ଷ ପାଇଁ ବିଧାନସଭାରେ ୩.୧୦ ଲକ୍ଷ କୋଟି ଟଙ୍କାର ରାଜ୍ୟ ବଜେଟ ଆଗତ କରିଛନ୍ତି, ଯାହାକି ଗତ ବର୍ଷର ବଜେଟ ତୁଳନାରେ ୬.୯ ପ୍ରତିଶତ ଅଧିକ। ଆସନ୍ତା ବର୍ଷ ରାଜ୍ୟରେ ତ୍ରିସ୍ତରୀୟ ପଂଚାୟତ ଓ ତିନୋଟି ମହାନଗର ନିର୍ବାଚନ ସହ ପୌର ନିର୍ବାଚନ ହେବାକୁ ଥିବାରୁ ନିର୍ବାଚନ ଫଳାଫଳ ବିଜେପି ସରକାରର ଲୋକପ୍ରିୟତାର ମାପକାଠି ଭାବେ ବିବେଚିତ ହେବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପଂଚାୟତ ଭିତିଭୂମିକୁ ପ୍ରାଥମିକତା ଦେଇଛନ୍ତି ଯେଉଁଥିରେ ନାଗରିକଙ୍କ ପ୍ରାଥମିକତା, ଗ୍ରାମୀଣ ସଶକ୍ତିକରଣ, ସମସ୍ତଙ୍କ ସମୃଦ୍ଧି ତଥା ଯୁବ, ଗରିବ, କୃଷକ, ନାରୀଶକ୍ତି ଅଗ୍ରାଧିକାର ଦେଇଥିବାବେଳେ ଗାଁ ଲୋକଙ୍କୁ ୧୨୫ଦିନର ନିଶ୍ଚିତ କର୍ମ ନିଯୁକ୍ତି ଯୋଗାଇ ଦେବା ପାଇଁ ଭିବି-ଜି-ରାମଜି ଯୋଜନା ସହ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା, ସମୃଦ୍ଧ ଅଙ୍ଗନବାଡି ଯୋଜନା, ମଧୁବାବୁ ପେନ୍‌ସନ୍ ଯୋଜନା ଅଧିନରେ ୬ଲକ୍ଷ ହିତାଧିକାରୀଙ୍କୁ ଅତିରିକ୍ତ ସାମିଲ, ସଡକ ନଥିବା ଜନବସତିକୁ ସଡକ ନିର୍ମାଣ ଆଦି ନୂତନ ଯୋଜନା ଘୋଷଣା କରିଛନ୍ତି। ଯାହାକି ଗ୍ରାମ୍ୟ ଅର୍ଥନୀତିକୁ ବିକଶିତ କରିବା ସହ ଲୋକଙ୍କର ଆର୍ଥୀକ ବିକାଶ ଘଟାଇବା ନେଇ ଆଶା କରାଯାଏ। ଏଥିସହ ବଜେଟରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଶିଳ୍ପ ପ୍ରତିଷ୍ଠା ଲାଗି ବ୍ୟାପକ ପୁିନିବେଶ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଶିକ୍ଷାର ବିକାଶ ଲାଗି ୩୫ ହଜାର ୬୬୧ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବାବେଳେ କେନ୍ଦ୍ରାପଡା, ଜଗତସିଂହପୁର, ଭଦ୍ରକ ଓ ଝାରସୁଗୁଡା ଜଲ୍ଲା ମୁଖ୍ୟାଳୟରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ, ପାରାଦୀପ ଓ ବଲାଙ୍ଗୀରରେ ଦୁଇଟି ନୂତନ ସରକାରୀ ଇଂଜିନିୟରିଂ କଲେଜ, ମୟୂରଭ ଓ ବଲାଙ୍ଗୀରରେ ନୂତନ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପ୍ରସ୍ତାବ ରହିଛି। ସେହିପରି ଗଜପତି, ମାଲକାନାଗିରି ଓ ରାୟଗଡାରେ ତିନୋଟି ନୂତନ ଆର୍ୟୁବୈଦିକ ମେଡିକାଲ କଲେଜ ଏବଂ ନୟାଗଡ ଓ ନୂଆପଡାରେ ଦୁଇଟି ନୂତନ ହୋମିଓପାଥିକ୍ ମେଡିକାଲ କଲେଜ ପ୍ରତିଷ୍ଠା ଲାଗି ବଜେଟରେ ଘୋଷଣା ହୋଇଛି। କହିବା ବାହୁଲ୍ୟ ଯେ, ମାଧ୍ୟମିକ ଶିକ୍ଷାସ୍ତରରେ ବିଶେଷ କରି ନବମ, ଦଶମ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କ ଡ୍ରପ ଆଉଟ୍ ବା ଅଧାରୁ ପାଠ ଛାଡ ହାର ବୃଦ୍ଧି ପାଉଥିବାବେଳେ ଏହାର ନିୟନ୍ତ୍ରଣ ପାଇଁ ସେପରି କୌଣସି ପ୍ରସ୍ତାବ ନଥିବା ଚିନ୍ତାର କାରଣ। ଏବେ ରାଜ୍ୟରେ କଲେଜ ଗୁଡିକରେ ହଜାର ହଜାର ସିଟ୍ ଖାଲି ପଡୁଥିବାବେଳେ ନୂତନ କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କି ଉଦ୍ଦେଶ୍ୟ ସାଧିତ କରିବ ବୁଝି ହେଉନାହିଁ। ଉଲ୍ଲେଖଯୋଗ୍ୟ ଯେ, ୨୦୨୫-୨୬ ଆର୍ଥୀକ ବର୍ଷର ବଜେଟ ଆକାର ତୁଳନାରେ ଏଥର ବଜେଟ ବ୍ୟୟ ଅଟକଳ ୬.୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ସରକାର ୪୭,୮୦୦ କୋଟି ଟଙ୍କା ଋଣ କରିବେ। ଯାହାକି ଅତ୍ୟନ୍ତ ଚିନ୍ତାଜନକ। କହିବା ବାହୁଲ୍ୟ ଯେ, ରାଜ୍ୟରେ ଋଣ ଭାର ବଢିଚାଲିଥିବାବେଳେ ଏବେ ଋଣଭାର ୧,୫୫,୭୧୦ କୋଟି ଟଙ୍କାକୁ ବୃଦ୍ଧି ପାଇବ। ଯାହାର ପରିଣତ ସ୍ୱରୁପ ରାଜ୍ୟରେ ମୁଣ୍ଡ ପିଛା ଋଣ ଭାର ବଢିବା ସ୍ୱାଭାବିକ। ରାଜ୍ୟରେ ମୁଣ୍ଡପିଛା ଋଣଭାର ୧.୫ ହଜାର ଟଙ୍କାରୁ ଅଧିକ ଥିବାବେଳେ ନବଜାତକ ଶିଶୁ ମଧ୍ୟ ଏଥିରୁ ମୁକ୍ତ ନୁହେଁ। ଏବେ ମୁଣ୍ଡ ପିଛା ଋଣବୋଝ ୨୭,୬୨୫ ଟଙ୍କାକୁ ଛୁଇଁବ। ଏହା ନିସନ୍ଦେହ ଯେ, ବଜେଟ ଋଣ କରି ଘିଅ ଖାଇବା ସଦୃଶ ହୋଇଛି ବୋଲି କହିଲେ ଅତିରଂଜିତ ହୋଇନପାରେ। ତେବେ



ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ନିର୍ଦ୍ଧାରିତ ଅବଧି ମଧ୍ୟରେ ବଜେଟ ବ୍ୟୟ ବରାଦର ବିନିଯୋଗ। ଏବେ କିନ୍ତୁ ଅବଧି ସରିଯାଉଛି ବଜେଟ ବ୍ୟୟ ଅଟକଳର ୩୦ପ୍ରତିଶତ ମଧ୍ୟ ଖର୍ଚ୍ଚ ହୋଇପାରୁନଥିବା ଗଣମାଧ୍ୟମର ଶିରୋନାମା ପାଲଟିଛି। ବଜେଟ ଏକ ବାର୍ଷିକ ଆୟବ୍ୟୟର ଅଟକଳ ନୁହେଁ। ଏହା ହେଉଛି ସରକାରଙ୍କ ବାର୍ଷିକ ଆଭିମୁଖ୍ୟର ଦର୍ପଣ। ବିକାଶ ଓ ଲୋକହିତକର ଯୋଜନାର ପ୍ରତିଛବି। ବଜେଟର ବ୍ୟୟବରାଦ ଅର୍ଥ ସଠିକ ଭାବେ ବିନିଯୋଗ ହେବା ଜରୁରୀ। ଗତ ଆର୍ଥୀକ ବର୍ଷର ଅବଧି ପୁରିବାକୁ ଆଉ ମାତ୍ର ଗୋଟିଏ ମାସ ବାକି ଥିବାବେଳେ ୨୦୨୫-୨୬ ବଜେଟ ବ୍ୟବୟ ବରାଦ ଖର୍ଚ୍ଚ ହୋଇପାରବି କି ନାହିଁ, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରଙ୍କ ଠାରୁ ବଜେଟ ମାଧ୍ୟମରେ ଜନସାଧାରଣ ବହୁତ କିଛି ଆଶା କରନ୍ତି। ତେଣୁ ବଜେଟ କେବଳ ଲୋକଦେଖାଣିଆ ବା ପ୍ରଚାର ସର୍ବସ୍ୱ ନହେଉ। ବଜେଟ ବ୍ୟୟ ବରାଦର ସଫଳ ରୂପାୟନ ହେଉ ଯାହାକି ପ୍ରଗତି, ବିକାଶର ରଥକୁ ଆଗକୁ ଟାଣିନେଇ ପାରିବ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
୯୪୩୭୯୯୪୩୭୯

# ରାୟଗଡା ଗ୍ୟାଙ୍ଗୱାର । ସରିଲା ଅପରାଧୀଙ୍କ ଲୁଚକାଳି, ୯ ଗିରଫ

- ସହରରେ ମୁତୟନ ଥିଲେ ୩ ପ୍ଲାଟୁନ ଫୋର୍ସ
- ଶବଯାତ୍ରାରେ ଉଠିଥିଲା ଜନଗର୍ଜନ



**ରାୟଗଡା :** ରାୟଗଡା ସହରର ଚର୍ଚ୍ଚିତ ଯୁବକ ହଡ଼ିପା ନିଖିଲ ହତ୍ୟାକାଣ୍ଡ ଘଟଣାରେ ପୋଲିସକୁ ମିଳିଛି ଏକ ବଡ଼ ସଫଳତା । ଏକ ଆନ୍ତଃରାଜ୍ୟ ଅଭିଯାନ ପରେ ମୁଖ୍ୟ ନାୟକ ଉମେଶ ହିଆଲ ସମେତ ୯ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ଓଡ଼ିଶା, ବିହାର ଏବଂ ଆନ୍ଧ୍ରପ୍ରଦେଶର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପୋଲିସର ୬ରୁ ୭ଟି ସ୍ୱତନ୍ତ୍ର ସ୍କ୍ୱାଡ୍ ଏହି ସଫଳତା ପାଇଛନ୍ତି । ତେବେ ଏହି ଗିରଫଦାରୀ ପୂର୍ବରୁ ସାରା ରାୟଗଡା ସହରରେ ଗ୍ୟାଙ୍ଗ ୱାରର ଆଶଙ୍କା ଓ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । ଶହ ଶହ ଲୋକଙ୍କ ବିରାଟ ପଟୁଆର, ସହରରେ ଥିଲା ଆତଙ୍କ: ସୂଚନାଯୋଗ୍ୟ ଯେ, ଗତ ମଇ ୯ ତାରିଖ ବିଳମ୍ବିତ ରାତିରେ ଇନ୍ଦିରାନଗରରୁ ନିଖିଲଙ୍କୁ ଗୁଳିମାଡ଼ କରି ଅପହରଣ କରାଯିବା ଏବଂ ପରଦିନ ନାଗାବଳୀ ନଦୀ କୂଳରୁ ଗୁଳିବିଦ୍ଧ ମୃତଦେହ ମିଳିବା ପରେ ସହରବାସୀ ଆତଙ୍କିତ ହୋଇପଡ଼ିଥିଲେ । ନିଖିଲଙ୍କ ମୃତଦେହ ମିଳିବା ପରେ ରାୟଗଡା ସହରରେ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା । ଶହ ଶହ ସ୍ଥାନୀୟ ଲୋକେ ମୃତଦେହକୁ ଧରି ଏହି ପଟୁଆରରେ ସାମିଲ ହୋଇ ଅପରାଧୀଙ୍କ ଗିରଫ ଦାବିରେ ଜନଗର୍ଜନ କରିଥିଲେ ।

ସୁରକ୍ଷା ପାଇଁ ମୁତୟନ ଥିଲେ ୩ ପ୍ଲାଟୁନ୍ ପୋଲିସ ଫୋର୍ସ: ଗ୍ୟାଙ୍ଗ ୱାର ପରିସ୍ଥିତି ଏବଂ ଜନ ଆକ୍ରୋଶକୁ ଦୃଷ୍ଟିରେ ରଖି ସହରର ସୁରକ୍ଷା ବ୍ୟବସ୍ଥାକୁ ଅତି କଡ଼ାକଡ଼ି କରାଯାଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ୩ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ସେତେବେଳେ ହିଁ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ସାରିଥିଲେ ଏବଂ ବିଭିନ୍ନ ସ୍ଥାନରେ ସୁରାକ ଖୋଜିବା ପାଇଁ ଘନ ଘନ ଛାପା ମାରୁଥିଲେ, ଯାହାର ପରିଣତି ସ୍ୱରୂପ ଆଜି ଏହି ବଡ଼ ସଫଳତା ମିଳିଛି ।

ଜୁଆ ଆଡ୍ଡାର କୋଟି କୋଟି ଟଙ୍କା ବଣ୍ଟାରୁ ହତ୍ୟାକାଣ୍ଡ: ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ, କୋରାପୁଟ ଅଞ୍ଚଳର ଏକ ବଡ଼ ଜୁଆ ଆଡ୍ଡାରୁ ଲୁଟ୍ ହୋଇଥିବା କୋଟି କୋଟି ଟଙ୍କା ଏବଂ ସୁନାର ଭାଗବଣ୍ଟାକୁ ନେଇ ନିଖିଲଙ୍କ ସହ ଅଭିଯୁକ୍ତମାନଙ୍କର ବିବାଦ ଉଗ୍ର ରୂପ ନେଇଥିଲା । ଏହି କାରଣରୁ ହିଁ ତାଙ୍କୁ ରାସ୍ତାରୁ ହଟାଇବାକୁ ମାରାତ୍ମକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା । ଗିରଫ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ପିସ୍ତଲ, ୨ଟି ଗାଡ଼ି ଏବଂ ୧୧ରୁ ଅଧିକ ମୋବାଇଲ ଜବତ ହୋଇଛି । ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଅପରେସନ ଏବେ ବି ଜାରି ରହିଛି ।

### କେତେ ଜୀବନ ଗଲେ ଚେତିବ ପ୍ରଶାସନ

# ପୁରୁଣାକଟକ ଓଭରବ୍ରିଜରେ ପୁଣି ମୃତ୍ୟୁ

- ଅସମ୍ପୂର୍ଣ୍ଣ କାମ କେବେ ହେବ ସମ୍ପୂର୍ଣ୍ଣ.. ତାକୁ ନେଇ ଅଞ୍ଚଳବାସୀଙ୍କ ପ୍ରଶ୍ନ



**ବୌଦ୍ଧ :** ବୌଦ୍ଧ ଜିଲ୍ଲାର ପୁରୁଣାକଟକ ରେଲୱେ ଓଭରବ୍ରିଜ ନିକଟରେ ପୁଣି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇଛି । ମୃତକ ଜଣଙ୍କ ବୌଦ୍ଧ ଜିଲ୍ଲା ତିଲେଶ୍ୱର ପଞ୍ଚାୟତ ଅନ୍ତର୍ଗତ ମୂଷାଡ଼ ଗ୍ରାମର ସୁବାଷ ପଣ୍ଡା ବୋଲି ଜଣାପଡ଼ିଛି । ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତିରେ ସୁବାଷ ପଣ୍ଡା ଘରକୁ ଫେରୁଥିବା ବେଳେ ପୁରୁଣାକଟକ ରେଲୱେ ଓଭରବ୍ରିଜ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଦୁର୍ଘଟଣାରେ ତାଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିଲା । ସ୍ଥାନୀୟ ଲୋକଙ୍କ ସହଯୋଗରେ ତାଙ୍କୁ ଗୁରୁତର ଅବସ୍ଥାରେ ବରଗଡ଼ ବିକାଶ ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ଶେଷରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଏପଟେ, ପୁରୁଣାକଟକ ରେଲୱେ ଓଭରବ୍ରିଜର ଅସମ୍ପୂର୍ଣ୍ଣ କାମକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ଅସନ୍ତୋଷ ଲାଗିରହିଛି । ବର୍ଷ ବର୍ଷ ଧରି ଓଭରବ୍ରିଜ କାମ ଶେଷ ନ ହେବା, ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥାର ଅଭାବ ଓ ଠିକା ସଂସ୍ଥାର ମନମାନି ଯୋଗୁଁ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ, ଉକ୍ତ ଓଭରବ୍ରିଜ ନିର୍ମାଣ କାମ ପ୍ରତି ନା ପ୍ରଶାସନର ଆନ୍ତରିକତା ଦେଖାଯାଇଛି, ନା ଜନପ୍ରତିନିଧିମାନେ ଏହାକୁ ଗୁରୁତ୍ୱର ସହ ନେଇଛନ୍ତି । ସମ୍ପୃକ୍ତ ଠିକା ସଂସ୍ଥାକୁ ମଧ କୌଣସି କଠୋର ତାଗିଦ ନ ମିଳିବାରୁ କାମ ଧୀର ଗତିରେ ଚାଲିଥିବା ନେଇ ପ୍ରଶ୍ନ ଉଠିଛି । ପୁନର୍ବାର ଏକ ଜୀବନ ଯିବା ପରେ ଏବେ ଅଞ୍ଚଳବାସୀ ଦୁର୍ଘଟଣାପ୍ରବଣ ଏହି ଓଭରବ୍ରିଜ କାମ ଶୀଘ୍ର ସମ୍ପୂର୍ଣ୍ଣ କରିବା ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି କରିଛନ୍ତି ।

# ହସପିଟାଲର ବିଭିନ୍ନ ସମସ୍ୟାକୁ ନେଇ ଉପଜିଲ୍ଲାପାଳଙ୍କ ସମୀକ୍ଷା



**ଟିଟିଲାଗଡ :** ବଲାଙ୍ଗିର ଜିଲ୍ଲା ଟିଟିଲାଗଡ ଉପଖଣ୍ଡ ସ୍ତରୀୟ ହସପିଟାଲ ରେ ଲାଗି ରହିଥିବା ବିଭିର୍ଣ୍ଣ ସମସ୍ୟା କୁ ନେଇ ଆଜି ଉପଜିଲ୍ଲାପାଳ ସମୀକ୍ଷା କରିଥିଲେ । ଟିଟିଲାଗଡ ହସପିଟାଲ ରେ ଅନେକ ସମସ୍ୟା ଥିବା ନେଇ ଆଗରୁ ଅଭିଯୋଗ ଆସୁଥିଲା , କିନ୍ତୁ ଆଜି ସକାଳୁ ଟିଟିଲାଗଡ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ନିଜେ ଚାଲି ଚାଲି ଯାଇ ହଠାତ ହସପିଟାଲ ରେ ପହଞ୍ଚି ସମସ୍ତ ବିଷୟ ରେ ଅନୁସନ୍ଧାନ କରିଥିଲେ । ହସପିଟାଲ ରେ ସଫେଇ ଓ ସାନିଟେସନ ବିଷୟ ରେ ଅଭିଯୋଗ ଥିଲା ଓ ହସପିଟାଲ ରେ ଭର୍ତ୍ତି ହୋଇଥିବା ରୋଗୀଙ୍କୁ ଠିକ ଭବରେ ଖାଦ୍ୟ ଦିଆଯାଉ ନଥିବା ଅଭିଯୋଗ ହୋଇଆସୁଥିଲା , ସେଥିପାଇଁ ଉପଜିଲ୍ଲାପାଳ ଆଜି ହଠାତ ହସପିଟାଲ ଗସ୍ତ କରି ସମସ୍ତ ଅଭିଯୋଗ ସମ୍ପର୍କରେ ପଚାରି ବୁଝିଥିଲେ ଓ କିଛି ସମସ୍ୟା ର ସମାଧାନ ମଧ କରାଯାଇଛି । ଫୁଡ ଭେଣ୍ଡର କୁ ନୋଟିସ ଦିଆଯାଇଛି ଓ ଚାର୍ଟ ଅନୁଶାରେ ଖାଦ୍ୟ ଦେବାକୁ କୁହାଯାଇଛି । ଏ ସମସ୍ତ ଘଟଣାକୁ ନେଇ ଏକ ସମୀକ୍ଷା ବୈଠକ ମଧ ହୋଇଥିଲା ଏହି ବୈଠକ ରେ ହସପିଟାଲ ଷ୍ଟାଫ ସହିତ ପି ଡବ୍ଲ୍ୟୁ ଡି, ପି ଏଚ୍ ଡି ଓ ଆରକେଏସ୍ ମେମ୍ବର ଯୋଗ ଦେଇଥିଲେ ଓ ସମସ୍ତଙ୍କୁ ସମସ୍ୟାର ଯଥା ଶୀଘ୍ର ସମାଧାନ ପାଇଁ ତାଗିଦ କରିବା ସହିତ ଆସନ୍ତା ଜୁନ ମାସ ସୁଦ୍ଧା ଉପଖଣ୍ଡ ସ୍ତରୀୟ ଡାକ୍ତରଖାନା କିଭଳି ନୂତନ କୋଠା କୁ ସ୍ଥାନାନ୍ତରିତ କରାଯିବ ତାହାରି ଉପରେ କାର୍ଯ୍ୟ କରିବାକୁ ସମସ୍ତ ବିଭାଗୀୟ ଅଧିକରୁ ଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଉପଜିଲ୍ଲାପାଳ କହିଛନ୍ତି ।

### ହତ୍ୟା ଓ କନିଷ୍ଠ ଖଣି ଅଧିକାରୀଙ୍କୁ ଆକ୍ରମଣ ଘଟଣା ଉଭୟ ମାମଲା

# ୮ ଅଭିଯୁକ୍ତ ଗିରଫ, ବାଇକ୍-କାର ଜବତ






**ବାଲେଶ୍ୱର :** ବାଲେଶ୍ୱର ଜିଲ୍ଲା ଖଇରା ଥାନାରେ ରୁଜୁ ହୋଇଥିବା ଦୁଇଟି ଚର୍ଚ୍ଚିତ ମାମଲାରେ ପୋଲିସ ବଡ଼ ସଫଳତା ପାଇଛି । ହତ୍ୟା ମାମଲା ଓ କନିଷ୍ଠ ଖଣି ଅଧିକାରୀ ଅଭିଷେକ ବେହେରାଙ୍କୁ ଆକ୍ରମଣ ଘଟଣାରେ ମୋଟ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସୂଚନା ଅନୁସାରେ, ଗତ ୧୬ ତାରିଖ ବିଳମ୍ବିତ ରାତିରେ ସୁନ୍ଦରପୁର ଅଞ୍ଚଳରେ ବେଆଇନ ମୋରମ ବୁହା ହେଉଥିବା ଖବର ପାଇ କନିଷ୍ଠ ଖଣି ଅଧିକାରୀ ଅଭିଷେକ ବେହେରା ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ୧୦ରୁ ଅଧିକ ମୋରମ ମାଫିଆ ଅଧିକାରୀଙ୍କ ଗାଡ଼ି ଉପରେ ଟେକା ପଥର ମାଡ଼ କରିଥିବା ସହ ପ୍ରାୟ ୮ କିମି ପର୍ଯ୍ୟନ୍ତ ତାଙ୍କ ଗାଡ଼ିକୁ ଗୋଡ଼ାଇଥିଲେ । ଏନେଇ ଖଇରା ଥାନାରେ ଅଭିଯୋଗ ହେବା ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ୫ଟି ବାଇକ୍ ? ଓ ୨ଟି କା ? ଜବତ କରାଯାଇଛି । ସେହିପରି ହରିପୁର ଗାଁରେ ଛାତ ସେଣ୍ଟ୍ରିଂ ପକାଇବାକୁ କେନ୍ଦ୍ର କରି ଘଟିଥିବା ମରଣାନ୍ତକ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଓ ଅନ୍ୟ ଜଣେ ଗୁରୁତର ହୋଇଥିଲେ । ପରେ ପରିବାର ଲୋକେ ଶବକୁ ସାଇକେଲରେ ବୋହି ଥାନାକୁ ନେଇଥିବା ଘଟଣା ସାରା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଥିଲା । ଏହି ମାମଲାରେ ପୂର୍ବରୁ ଜଣେ ମହିଳାଙ୍କୁ ଗିରଫ କରାଯାଇଥିବା ବେଳେ ବର୍ତ୍ତମାନ ଆଉ ୨ ଜଣଙ୍କୁ ଜିଲ୍ଲା ବାହାରରୁ ଧରାଯାଇଛି । ବାଲେଶ୍ୱର ଏସପି ପ୍ରତ୍ୟୁଷ ଦିବାକର କହିଛନ୍ତି ଯେ, ଉଭୟ ମାମଲାରେ ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ତଦନ୍ତ ଜାରି ରହିଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଶୀଘ୍ର ଗିରଫ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

# ବଟକୃଷ୍ଣ ମେମୋରିଆଲ ସମ୍ମାନ ଉତ୍ସବ ପାଇଁ ପ୍ରସ୍ତୁତି



**ଫୁଲନଖରା :** ଅଗ୍ରଣୀ ସାମାଜିକ ସଂଗଠନ 'ପ୍ରତିଭା ବିକାଶ ପ୍ରତିଷ୍ଠାନ, କଟକ ସଦର' ପକ୍ଷରୁ ଆୟୋଜିତ ବଟକୃଷ୍ଣ ମେମୋରିଆଲ ମେଧା ପ୍ରତିଭା ସମ୍ମାନ-୨୦୨୬ ପ୍ରଦାନ ଉତ୍ସବ ଆସନ୍ତା ମେ ୨୭ ତାରିଖ ଅପରାହ୍ନ ୪ଟାରେ ୪୨ ମୌଜା ବେଣ୍ଟକାର ସ୍ଥିତ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସଭାଗୃହରେ ଭବ୍ୟ ଭାବେ ଅନୁଷ୍ଠିତ ହେବ । ଏହି ଉତ୍ସବକୁ ସୁଚାରୁ ଓ ସଫଳ କରିବା ପାଇଁ ବେଣ୍ଟକାରସ୍ଥିତ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରତିଷ୍ଠାନର ସଭାପତି ଓ ବଟକୃଷ୍ଣ ମେମୋରିଆଲ ଟ୍ରଷ୍ଟର ଆବାହକ, ବରିଷ୍ଠ ରାଜନୀତିଜ୍ଞ ଇଂ. ଅଶୋକ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ବୈଠକରେ ସମ୍ମାନ ଉତ୍ସବର ସମସ୍ତ ପ୍ରସ୍ତୁତି ଓ କାର୍ଯ୍ୟଯୋଜନା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ବୈଠକରେ ଅଧ୍ୟାତ୍ମିକବାଦୀ ଓ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ ବି.କେ. ରୀନା ଭଉଣୀ, ଉପସଭାପତି ଅଭୟ କୁମାର ଦାସ ଓ ପ୍ରଭାତ କୁମାର ଖଟୁଆ, ମୁଖ୍ୟ ଉପଦେଷ୍ଟା ବିଷ୍ଣୁ ଚରଣ ଦାସ, ବରିଷ୍ଠ ସଭ୍ୟ ବିନୋଦ କୁମାର ବେହେରା, ଅଭିରାମ ଦଳାଇ, କ୍ଷୀରୋଦ କୁମାର ଦାସ, ନିରଞ୍ଜନ ସେନାପତି, ବିଶିଷ୍ଟ ନାଟ୍ୟକାର ଅଶୋକ ପଟ୍ଟନାୟକ, ପ୍ରଲୋଭ ନାରାୟଣ ମହାପାତ୍ର, ରମେଶ ଚନ୍ଦ୍ର ମଲ୍ଲିକ, ଘନଶ୍ୟାମ ମଲ୍ଲିକ, ନଟବର ବେହେରା, ସତ୍ୟଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଚଳିତ ବର୍ଷର ସମ୍ମାନ ଉତ୍ସବକୁ ଆହୁରି ଆକର୍ଷଣୀୟ ଓ ସୁସଂଗଠିତ ଭାବେ ଆୟୋଜନ କରିବା, ମେଧାବୀ ଛାତ୍ରଛାତ୍ରୀ ଓ ବିଭିନ୍ନ କ୍ଷେତ୍ରର କୃତି ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରିବା, ଏବଂ ଅଞ୍ଚଳର ପ୍ରତିଭାମାନଙ୍କୁ ପ୍ରୋତ୍ସାହନ ଦେବା ନେଇ ସର୍ବସମ୍ମତିରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଶେଷରେ ପ୍ରତିଷ୍ଠାନର ସମ୍ପାଦକ ରୁଦ୍ର ନାରାୟଣ ଦାସ ଉପସ୍ଥିତ ସମସ୍ତ ସଦସ୍ୟ ଓ ଅତିଥିମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଆସନ୍ତା ୨୭ ମେରେ ଆୟୋଜିତ ହେବାକୁଥିବା ଏହି ସମ୍ମାନ ଉତ୍ସବକୁ ନେଇ ଶିକ୍ଷାବିତ୍, ସାମାଜିକ କର୍ମୀ ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ଉତ୍ସାହ ଦେଖାଯାଉଛି ।

# ଲେମ୍ପସ କର୍ମଚାରୀ ପଞ୍ଚାନନଙ୍କ ଅକାଳ ବିୟୋଗ



**କୋଟପାଡ଼ :** କୋଟପାଡ଼ ଅଞ୍ଚଳର ଜଣାଶୁଣା ବ୍ୟକ୍ତି ତଥା କୋଟପାଡ଼ ଲେମ୍ପସର କର୍ମଚାରୀ ସ୍ୱର୍ଗତ ପଞ୍ଚାନନ ପ୍ରହରାଜଙ୍କ ଅକାଳ ବିୟୋଗ ହୋଇଯାଇଛି,ଗତ ଶୁକ୍ରବାର ୧୫/୦୫/୨୦୨୬ ଦିନ କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କର୍କଟ ରୋଗର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିଲା, ମୃତ୍ୟୁ ବେଳକୁ ପରିବାର ସଦସ୍ୟ, ଲେମ୍ପସ ସଦସ୍ୟ ଓ ଚିତାଗାଁ ଓ କୋଟପାଡ଼ର ବନ୍ଧୁ ବାନ୍ଧବ ମାନେ ଉପସ୍ଥିତ ଥିଲେ, ସୂଚନା ଥାଉକି ସ୍ୱର୍ଗତ ପଞ୍ଚାନନ ପ୍ରହରାଜ ଜଣେ ପରଉପକାରୀ ଓ ମିଠା ମିଳାପି ସଦସ୍ୟ ଥିଲେ, ସେ କୋଟପାଡ଼ ଲେମ୍ପସରେ ଦୀର୍ଘଦିନ ଧରି କୋଟପାଡ଼ ଅଞ୍ଚଳର ରାସନକାର୍ଡ ହିତାଧିକାରୀ ମାନଙ୍କୁ ରାସନ ଚାଉଳ ଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରି ପୂର୍ଣ୍ଣ ସହଯୋଗ କରୁଥିଲେ,କିନ୍ତୁ ଦଇବ ସାଜିଲା ଦାଉ ପରି ସେ କର୍କଟ ରୋଗରେ ପୀଡିତ ହୋଇଥିଲେ ଓ ବାରମ୍ବାର ଚିକିତ୍ସା ମଧ ହେଉଥିବାର ସୂଚନା ପ୍ରାପ୍ତ ହୋଇଛି । ପରିଶେଷରେ ଆଜି କୋଟପାଡ଼ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କର ଅକାଳ ବିୟୋଗରେ କୋଟପାଡ଼ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ଅକାଳ ବିୟୋଗରେ କୋଟପାଡ଼ ଅଞ୍ଚଳର ବିଧାୟକ ରୁପୁ ଭତରା, ସାଂସଦ ପ୍ରତିନିଧି ରାମେଶ୍ୱର ଜେନା, ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ,ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, କଂଗ୍ରେସ ବିଧାୟକ ପ୍ରାର୍ଥୀ ଅନାମୁ ଦିଆନ,ବ୍ଲକ ଉପାଦକ୍ଷ ତଥା ପଞ୍ଚାୟତ ସଦସ୍ୟ ତପନ ପାଣିଗ୍ରାହୀ,ସରପଞ୍ଚ ଜଗମୋହନ ମାଝୀଙ୍କ ସହିତ ସମସ୍ତ ବୁଦ୍ଧିଜୀବୀ,ଲେମ୍ପସ ର ସମସ୍ତ କର୍ମଚାରୀ,ଚିତା ଗାଁର ସମସ୍ତ ସଦସ୍ୟ, କୋଟପାଡ଼ ଅଞ୍ଚଳର ସମସ୍ତ ସାମ୍ବାଦିକ ବନ୍ଧୁ ମାନେ ଦୁଃଖ ପ୍ରକାଶ କରିବା ସହିତ ସ୍ୱର୍ଗତ ପଞ୍ଚାନନ ପ୍ରହରାଜଙ୍କ ଆତ୍ମାର ଅମର ପାଇଁ ପ୍ରଭୁ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରିଥିଲେ ଓ ପରିବାର ସଦସ୍ୟଙ୍କୁ ଧୋର୍ଯ୍ୟ ଓ ସାହସ ଦିଅନ୍ତୁ ବୋଲି ପ୍ରଭୁ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରିଥିଲେ ।

# ସେୱା ପେପର ମିଲ ପୁନଃଚାଲୁ ଦାବିରେ ମିଳିତ ୟୁନିଅନର ଧାରଣା

**କୋରାପୁଟ :** ଜୟପୁର ସେୱା ପେପର ମିଲକୁ ପୁନର୍ବାର ଚାଲୁ କରିବା ଦାବିରେ କର୍ମଚାରୀ ଓ ମିଳିତ ୟୁନିଅନ ପକ୍ଷରୁ କୋରାପୁଟ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ଦୀର୍ଘଦିନ ଧରି ପେପର ମିଲ ବନ୍ଦ ରହିଥିବାରୁ ଶତାଧିକ କର୍ମଚାରୀ ଓ ସେମାନଙ୍କ ପରିବାର ଜୀବିକା ସଙ୍କଟରେ ପଡ଼ିଥିବା ଅଭିଯୋଗ ହୋଇଛି । ମିଳିତ ୟୁନିଅନର ସଦସ୍ୟମାନେ କହିଛନ୍ତି ଯେ, ନୂଆ ସରକାର ଗଠନ ପରେ ମଧ ଏପର୍ଯ୍ୟନ୍ତ କୌଣସି ସରକାରୀ ଅଧିକାରୀ ପେପର ମିଲ ପରିଦର୍ଶନ କରିନାହାନ୍ତି । ଏହାକୁ ନେଇ କର୍ମଚାରୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି । ୟୁନିଅନ ସଭାପତି ମନୋଜ ନାୟକ ଓ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଆନ୍ଦୋଳନସ୍ଥଳରେ ଉପସ୍ଥିତ ହୋଇ କର୍ମଚାରୀଙ୍କ ଦାବିକୁ ସମର୍ଥନ କରିଥିଲେ । କର୍ମଚାରୀମାନଙ୍କ କହିବା ଅନୁସାରେ, ପେପର ମିଲ ବନ୍ଦ ହେବା ପରେ ଅନେକ ପରିବାର ଆର୍ଥିକ ସମସ୍ୟାରେ ଦିନ କାଟୁଛନ୍ତି । ମିଲ ପୁନଃଚାଲୁ ହେଲେ ସ୍ଥାନୀୟ ଅଞ୍ଚଳର ଶିକ୍ଷିତ ଯୁବକ ଓ ପୂର୍ବତନ କର୍ମଚାରୀମାନେ ପୁନର୍ବାର ରୋଜଗାର ପାଇପାରିବେ ବୋଲି ସେମାନେ କହିଛନ୍ତି । ଜଣେ ମହିଳା କର୍ମଚାରୀ କହିଛନ୍ତି, "ଆମେ ଯୁବାବସ୍ଥାରେ ପେପର ମିଲରେ କାମ କରୁଥିଲୁ । ଏବେ ବୟସ୍କ ହୋଇଗଲୁ, ଅନ୍ୟ କାମ ମିଳୁନାହିଁ । ସରକାର ପେପର ମିଲକୁ ପୁନି ଚାଲୁ କରନ୍ତୁ ।" ପେପର ମିଲ ପୁନରୁଦ୍ଧାର ଦାବିରେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ମିଳିତ ୟୁନିଅନ ପକ୍ଷରୁ ସୂଚନା ମିଳିଛି ।



# ଜିଲ୍ଲାସ୍ତରୀୟ ଜିପିଏଲ୍‌ଏଫ୍ କର୍ମୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



**ବାଲେଶ୍ୱର :** ଜିଲ୍ଲାର ୧୨ଟି ବ୍ଲକରେ କାର୍ଯ୍ୟରତ ଥିବା ସମସ୍ତ ସିଏସଏସମାନେ ଆଜି ବିଭିନ୍ନ ଦାବି ନେଇ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସେମାନଙ୍କ ଅଭିଯୋଗ ଅନୁସାରେ, ଗତ ଏପ୍ରିଲ ମାସ ୨୩ ତାରିଖରେ ବିଭାଗ ପକ୍ଷରୁ ଆସିଥିବା ଚିଠି ଅନୁସାରେ ସେମାନଙ୍କୁ ନୂତନ ୟୁନିଫର୍ମ ଯୋଗାଇ ଦିଆଯିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଘୋଷଣା କରିଥିଲେ । ଏପରିକି ଶାଢ଼ୀର ଡିଜାଇନ ମଧ ବ ବଦଳ କରାଯାଇଥିଲା ଓ ଏପରିକି ସେମାନେ ସବୁ ବିଭ ବିଭାଗ ସହି ସହିତ କାର୍ଯ୍ୟ ମଧ କରୁଛନ୍ତି । ନ୍ତି । ଏଣୁ ସେମାନଙ୍କ ୟୁନିଫର୍ମର ଡିଜାଇନ ବଦଳିବାକୁ ନେଇ ସେମାନେ ଖୁସି ମଧ ରହିଛନ୍ତି । ଏପରିକି ଶାଢ଼ୀର କଲର ଓ ଡିଜାଇନ ଠିକ ଥିଲେ ମଧ୍ୟ ଫ୍ରିଟ ଓ କ୍ୱାଲିଟି ଠିକ ନାହିଁ । ଏଣୁ ସେମାନେ ଜିଲ୍ଲାପାଳଙ୍କୁ ଅନୁ ଅନୁରୋଧ କରିଛନ୍ତି ଯେ ବିଭାଗ ସହ କଥା ହୋଇ ପୁନଃ ବିଚାର କରାଯିବା ସହ ସେମାନଙ୍କ ଶାଢ଼ୀର ଥିବା ଥିବା ଫ୍ରିଟ ଉଠାଇ ଗୋଟିଏ କଲର ଓ କ୍ୱାଲି କ୍ୱାଲିଟିର ମାନ୍ୟତା ବଢ଼ାଇବା ପାଇଁ ସଭାପତି ନିରୁପମା ନାୟକ, ସମ୍ପାଦକ ମନୋରମା ରାଉତ, ପ୍ରଶାନ୍ତି ନାୟକ, ପ୍ରମିଳା ମୁଣ୍ଡା, ଯୋଗମାୟା ସାହୁ, ମଧୁସ୍ମିତା ରାଉତ, ପୁଷ୍ପଲତା ନାୟକ, ସେବାଶ୍ରୀ ବାରିକ ପ୍ରମୁଖଙ୍କ ସହ ଅନ୍ୟମାନେ ଦାବି କରିଛନ୍ତି ।

# କେନ୍ଦ୍ରାପଡ଼ାରେ ଖସିଥିଲେ, କେନ୍ଦୁଝରରେ ଫସିଗଲେ ଯୋଗେନ୍ଦ୍ର

- ଗିରଫ ସମୟରେ କେନ୍ଦ୍ରାପଡ଼ା ପୋଲିସକୁ କରିଥିଲେ ଆକ୍ରମଣ
- ଅପରେସନ ବୈତରଣୀରେ ଗିରଫ ହେଲେ ଯୋଗେନ୍ଦ୍ର



**ହାଟଡିହି :** କେନ୍ଦୁଝର ଜିଲାରେ ବାଲି ବ୍ୟବସାୟୀ ଓ ମାଫିଆଙ୍କ ବିରୋଧରେ 'ଅପରେସନ ବୈତରଣୀ' ନାଁ ରେ ପୋଲିସ ପକ୍ଷରୁ ଗତ ରବିବାର ମଧ୍ୟରାତ୍ରୀରୁ ବଡ଼ ଧରଣର ଚଢ଼ାଉ କରାଯାଇଛି । ଜିଲା ଏସ୍‌ପି ନୀତିନ କୁଶଲକର ଦାଗୁଡଙ୍କ ନିର୍ଦ୍ଦେଶରେ ଏକାଧିକ ପୋଲିସ ଟିମ୍ ଗଠନ କରି ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଆନନ୍ଦପୁର ଉପଖଣ୍ଡର ୧୧ଟି ସ୍ଥାନ ଓ ଘଟଗାଁ ଅଞ୍ଚଳର ଗୋଟିଏ ସ୍ଥାନ ସହ ମୋଟ ୧୨ଟି ସ୍ଥାନରେ ରବିବାର ବିଳମ୍ବିତ ରାତିରୁ ବାଲି ବ୍ୟବସାୟୀ ଓ ମାଫିଆଙ୍କ ଘରେ ଚଢ଼ାଉ କରାଯାଇ ନନ୍ଦିପଦା ଥାନା କେସ ନଂ-୧୯୪/୨୦୨୬ ଆଧାରରେ ସନ୍ତୋଷ କୁମାର ନାୟକ (୪୩), ଯୋଗେନ୍ଦ୍ର ବେହେରା (୫୫), ରତିକାନ୍ତ ରାଉତ (୫୦), ଗୁରୁବ୍ରତ ଖଣ୍ଡାଇ (୩୩) ଙ୍କୁ ଏବଂ ଘଷିପୁରା ଥାନା କେସ ନଂ-୧୫୦/୨୦୨୫ ଆଧାରରେ ଜିତେନ୍ଦ୍ର କୁମାର ସା (୩୯), ଅଜିତ କୁମାର ନାଇକ (୩୪), ଅଜିତ ପୃଷ୍ଟି (୩୪), ସୌମ୍ୟ ପ୍ରକାଶ ମହାପାତ୍ର (୩୨), ମନବୋଧ ମହାନ୍ତ (୩୭) ଓ ଦୀପ୍ତି ରଞ୍ଜନ ବାରିକ (୨୭) ଙ୍କୁ ସୋମବାର ଗିରଫ କରିଛି । ମୋଟ ୧୦ ଜଣଙ୍କୁ ଗିରଫ ରଖାଯାଇଛି । ହାଇୱା, ପିକଅପ୍ ?, ଟ୍ରାକ୍ଟର ଓ ଦାମୀ ଚାରିଚକିଆ ଗାଡି ମିଶି ପ୍ରାୟ ୫୦ଟି ଗାଡି ଜବତ ହୋଇଛି । ଏହା ସହିତ ପ୍ରାୟ ୮୦ ଲକ୍ଷ ଟଙ୍କାର ୮୦ଟି ବ୍ୟାଙ୍କ ଆକାଉଣ୍ଟ, ନଗଦ ୩୦ ଲକ୍ଷ ଟଙ୍କା ଏବଂ ବିପୁଳ ପରିମାଣର ସୁନା-ରୁପା ଅଳଙ୍କାର ମଧ ଜବତ କରାଯାଇଛି । ଏଥିସହ ବାଲି ଚାଲାଣ ସମ୍ବନ୍ଧୀୟ ନକଲି କାଗଜପତ୍ର, ଟ୍ରାଂଜିଟ ପାସ ମଧ ପୋଲିସ ଜବତ କରିଛି । ଏହି ଘଟଣାରେ ପୁଲିସ ଆଉ ଏକ ମାମଲା ରୁଜୁ କରିଛି । ଗିରଫ ୧୦ ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରୁ ନନ୍ଦିପଦା ଥାନା ଶାଳଣିଆଁ ପଞ୍ଚାୟତ ଅନ୍ତର୍ଗତ ଏଲକଣିଆଁ ଗ୍ରାମର ଯୋଗେନ୍ଦ୍ର ବେହେରାଙ୍କ ସମ୍ପର୍କରେ ସାଙ୍ଘାତିକ ତଥ୍ୟ ସାମ୍ନାକୁ ଆସିଛି । ପୂର୍ବରୁ ଏକ ଠକେଇ ମାମଲାରେ କେନ୍ଦ୍ରାପଡ଼ା ପୁଲିସ ଦ୍ୱାରା ଗିରଫ ହୋଇ ଯାଉଥିବା ସମୟରେ ଯୋଗେନ୍ଦ୍ର ନିଜର ୨୦ରୁ ଉର୍ଦ୍ଧ୍ୱ ସହଯୋଗୀଙ୍କୁ ଡକାଇ ପୁଲିସ ଉପରେ ଆକ୍ରମଣ କରି ଫେରାର ହୋଇଥିଲେ ତାହା ଏବେ ଜଣାପଡିଛି । ସୂଚନା ଅନୁଯାଇ କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ତହସିଲ ଅଧିନ ବସପୁର ଲୁଣାନଦୀ ବାଲିଘାଟକୁ ଯୋଗେନ୍ଦ୍ର ଲିଜ୍ ? ନେଇଥିଲେ । କିନ୍ତୁ ବାଲିଘାଟ ଚଳାଇବା ପାଇଁ ସେ ନିକିରାଇ ଥାନା ଇଟିପୁର ଗ୍ରାମର ମାଧବ ଚନ୍ଦ୍ର ପ୍ରଧାନଙ୍କ ନାମରେ ଚୁକ୍ତି କରି ତାଙ୍କଠାରୁ ବିଭିନ୍ନ ସମୟରେ ମୋଟ ୪୫ ଲକ୍ଷ ୫୪ ହଜାର ୯୫୯ ଟଙ୍କା ନେଇଥିଲେ । କିନ୍ତୁ, ପରବର୍ତ୍ତୀ ସମୟରେ ଅନ୍ୟ ଲୋକଙ୍କଠାରୁ ଟଙ୍କା ନେଇ ସେମାନଙ୍କ ନାମରେ ଚୁକ୍ତିପତ୍ର କରିଦେଇଥିଲେ । ଏହାକୁ ନେଇ ମାଧବ ଚନ୍ଦ୍ର ପ୍ରଧାନ କେନ୍ଦ୍ରାପଡ଼ା ସଦର ଥାନାରେ ଅଭିଯୋଗ କରିଥିଲେ । ଯୋଗେନ୍ଦ୍ରେ ବେହେରା ଓ ଜଳସରପୁର ଗ୍ରାମର ବରଦା ପ୍ରସନ୍ନ ନାୟକ ତାଙ୍କଠାରୁ ଏହି ଟଙ୍କା ଠକିନେଇଥିବା ସେ ନିଜ ଏତଲାରେ ଦର୍ଶାଇଥିଲେ । ଶ୍ରୀ ପ୍ରଧାନ ଙ୍କ ଏତଲା କୁ ଭିତ୍ତି କରି କେନ୍ଦ୍ରାପଡ଼ା ସଦର ପୁଲିସ ଏ ସଂକ୍ରାନ୍ତରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮(୪), ୩୧୯(୨), ୩(୫) ରେ ଏକ ମାମଲା (ନଂ-୫୧୫/୨୦୨୫) ରୁଜୁ କରିବା ସହ ୨୦୨୫ ମସିହା ନଭେମ୍ବର ମାସ ୧୩ ତାରିଖ ରେ ନନ୍ଦିପଦା ପୁଲିସ ସହାୟତାରେ ଯୋଗେନ୍ଦ୍ର ଙ୍କୁ ଗିରଫ କରିଥିଲା । ରାତି ପ୍ରାୟ ୮ଟା ପରେ କେନ୍ଦ୍ରାପଡ଼ା ପୁଲିସ ତାଙ୍କୁ ଧରି ନନ୍ଦିପଦା ଥାନାରୁ ବାହାରି ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ଜଳସରପୁର ଗ୍ରାମର ବରଦା ପ୍ରସନ୍ନ ନାୟକଙ୍କୁ ଗିରଫ କରିବାକୁ ଯିବା ସମୟରେ ଯୋଗେନ୍ଦ୍ରଙ୍କ ସମ୍ପର୍କୀୟ ଓ ସମର୍ଥକମାନେ ଚଷାଖଣ୍ଡ ଗ୍ରାମ ନିକଟରେ ପୁଲିସ ଗାଡ଼ିକୁ ଅଟକାଇଥିଲେ । ୨୦ ରୁ ଉର୍ଦ୍ଧ୍ୱ ଯୁବକ ସଂଘବଦ୍ଧ ଆକ୍ରମଣ କରି ଯୋଗେନ୍ଦ୍ରଙ୍କୁ ପୁଲିସ ଗାଡ଼ିରୁ ଛଡ଼ାଇ ନେଇଥିଲେ । ଏଥିରେ କେନ୍ଦ୍ରାପଡା ସଦର ଥାନାର ଦୁଇଜଣ ପୁଲିସ କର୍ମଚାରୀ ଆହତ ହୋଇ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପରେ ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ । ଏ ସଂକ୍ରାନ୍ତରେ ନନ୍ଦିପଦା ପୁଲିସ ଭାରତୀୟ ନ୍ୟାୟ ସଂହିତା-୨୦୨୩ ର ଧାରା ୧୦୯(୧), ୧୧୫(୨), ୧୨୧(୧), ୧୨୬(୨), ୧୩୨, ୧୯୦, ୧୯୧(୨), ୨୨୧, ୨୬୨, ୨୯୬, ୩୫୧(୩), ୭୪ ରେ ଏକ ମାମଲା (କେସ ନଂ- ୩୬୨/୨୦୨୫) ରୁଜୁ କରି ନଭେମ୍ବର ୧୫ ତାରିଖ ରେ ଯୋଗେନ୍ଦ୍ର ବେହେରାଙ୍କ ମୁଖ୍ୟ ସହଯୋଗୀ ତଥା ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସୋଲପଟା ଗ୍ରାମର ସରୋଜ କୁମାର ନାୟକ(୪୪) ଙ୍କ ସମେତ ଯୋଗେନ୍ଦ୍ରଙ୍କ ଦୁଇ ଭାଇ ବିନୋଦ ବେହେରା (୬୦) ଏବଂ ଚକ୍ରଧର ବେହେରା (୪୫) ଙ୍କୁ ଗିରଫ କରିଥିଲେ ମଧ୍ୟ ଯୋଗେନ୍ଦ୍ର ଫେରାର ହୋଇଯାଇଥିଲେ । ପୁଲିସ କୁ ଆକ୍ରମଣ ଘଟଣାରେ ଯୋଗେନ୍ଦ୍ରଙ୍କ ସହ ତାଙ୍କ ପତ୍ନୀ ସେବତୀ ବେହେରା, ୨ ପୁଅ ଆଶିଷ ଓ ଶୁଭାଶିଷଙ୍କ ସମ୍ପୃକ୍ତି ଥିଲା । ପୁଲିସର ଗିରଫଦାରୀକୁ ଏଡାଇବା ପାଇଁ ଯୋଗେନ୍ଦ୍ର ରେଜିଷ୍ଟ୍ରେସନ ନଂ ଏବିଏଲଏପିଏଲ/୦୦୧୪୦୩୦/୨୦୨୫ ଓ ତାଙ୍କ ପରିବାର ରେଜିଷ୍ଟ୍ରେସନ ନଂ ଏବିଏଲଏପିଏଲ/୦୦୧୩୯୬୮/୨୦୨୫ ରେ ଆଗୁଆ ଜାମିନ ପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ତ ହୋଇଥିଲେ । ଉଭୟ ମାମଲାରେ ଯୋଗେନ୍ଦ୍ର ଓ ତାଙ୍କ ପରିବାର ଙ୍କୁ ଜାମିନ ମିଳିନଥିବାରୁ ସେମାନେ ସେବେଠାରୁ ଫେରାର ଥିଲେ । କେନ୍ଦ୍ରାପଡ଼ା ପୁଲିସ କବଳରୁ ଖସିଯାଇଥିବା ଅଭିଯୁକ୍ତ ଯୋଗେନ୍ଦ୍ର ଏବେ କେନ୍ଦୁଝର ସ୍ପେଶାଲ ସ୍କ୍ୱାର୍ଡ଼ ଦ୍ୱାରା ଗିରଫ ହେବା ପରେ ତାଙ୍କୁ ନେଇ ବିଭିନ୍ନ ଆଲୋଚନା ହେଉଛି । ପୂର୍ବରୁ ବିଭିନ୍ନ ଅପରାଧିକ ମାମଲା ରେ ଯୋଗେନ୍ଦ୍ର ଙ୍କ ସମ୍ପୃକ୍ତି ଥିଲେ ମଧ୍ୟ ପୁଲିସ ତାଙ୍କୁ ଧରିବାରେ ବିଫଳ ହୋଇଥିଲା । ଶେଷରେ କେନ୍ଦୁଝର ପୁଲିସ ପଞ୍ଝା ରେ ପଡିବା ପରେ ଆଉ ଖସି ପାରିନଥିଲେ ଯୋଗେନ୍ଦ୍ର ।

# ଆଜି ସମସ୍ତ ବେସରକାରୀ ଔଷଧ ଦୋକାନ ବନ୍ଦ

## ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଆତଙ୍କିତ ନ ହେବାକୁ ଅନୁରୋଧ



**ବୌଦ୍ଧ :** ଅଲ ଇଣ୍ଡିଆ ଅର୍ଗାନାଇଜେସନ ଅଫ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ପକ୍ଷରୁ ଅନଲାଇନ ଔଷଧ ବ୍ୟବସାୟକୁ ବିରୋଧ କରି ସାରା ଭାରତରେ ଦିଆଯାଇଥିବା ବନ୍ଦ ଡାକରା ପରିପ୍ରେକ୍ଷୀରେ ଆସନ୍ତା ମେ ୨୦ ତାରିଖରେ ବୌଦ୍ଧ ଜିଲ୍ଲାର ବେସରକାରୀ ଔଷଧ ଦୋକାନଗୁଡ଼ିକ ବନ୍ଦ ରହିବ ବୋଲି ବୌଦ୍ଧ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଛି ।ଏହି ପରିସ୍ଥିତିରେ ଜନସାଧାରଣଙ୍କ ଚିକିତ୍ସା ସେବା ଓ ଔଷଧ ଯୋଗାଣ ବ୍ୟବସ୍ଥାରେ କୌଣସି ବିଘ୍ନ ନ ଘଟିବା ପାଇଁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହିତ ସମସ୍ତ ସରକାରୀ ଡାକ୍ତରଖାନା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଇତ୍ୟାଦି ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଆବଶ୍ୟକୀୟ ଓ ଜୀବନ ରକ୍ଷାକାରୀ ଔଷଧର ପର୍ଯ୍ୟାପ୍ତ ମହଜୁଦ ରଖିବା ସହ ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସୁଥିବା ସମସ୍ତ ରୋଗୀ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନିର୍ଦ୍ଧାରିତ ପ୍ରେସକ୍ରିପସନ ଦେଖାଇ ନିରାମୟ ଔଷଧ ବିତରଣ କେନ୍ଦ୍ରମାନଙ୍କରୁ ଆବଶ୍ୟକୀୟ ଔଷଧ ନିଶୁଳ୍କରେ ସଂଗ୍ରହ କରିପାରିବେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଏହି ପରିସ୍ଥିତିରେ ଆତଙ୍କିତ ନ ହେବାକୁ ଅନୁରୋଧ କରାଯାଉଛି । ଆବଶ୍ୟକ ଚିକିତ୍ସା ସେବା ଓ ଔଷଧ ଯୋଗାଣ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ଜନସାଧାରଣଙ୍କ ସୁବିଧାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାଇ ଦିଆଯାଇଛି ।

### ଅବୈଧ ମଦ କାରବାର ଉପରେ ପୋଲିସର ଚଢ଼ଉ

# ୪୮ ଲିଟରରୁ ଅଧିକ ବିଦେଶୀ ମଦ ଜବତ, ମହିଳା ଗିରଫ




**ଜଗତସିଂହପୁର :** ବେଆଇନ ବିଦେଶୀ ମଦ କାରବାର ବିରୋଧରେ ତିର୍ତ୍ତୋଲ ପୁଲିସ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ତିର୍ତ୍ତୋଲ ଥାନା କେସ୍ ନମ୍ବର ୨୬୭/ ୨୬, ତାରିଖ ୧୮.୦୫.୨୦୨୬ ଅନୁଯାୟୀ ଓଡ଼ିଶା ଏକ୍ସାଇଜ୍ ଆଇନର ଧାରା ୫୨(ଏ) ଅଧୀନରେ ଏକ ମାମଲା ରୁଜୁ କରାଯାଇଛି । ପୁଲିସ ସୂଚନା ଅନୁସାରେ, ତିର୍ତ୍ତୋଲ ଥାନା ଅନ୍ତର୍ଗତ ନାଲିବର ଗ୍ରାମପଞ୍ଚାୟତର ସଅଁରା ଗ୍ରାମରେ ଥିବା ଜଗ୍ୟାସେନୀ ସାହୁ ବୟସ ୨୫ ପିତା– ରଞ୍ଜନ କୁମାର ସାହୁଙ୍କ ଘରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ଘରୁ ବିପୁଳ ପରିମାଣର ବିଦେଶୀ ମଦ ଜବତ ହୋଇଥିଲା । ଜବତ ମଦ ମଧ୍ୟରେ ୬୫୦ ଏମଏଲର ୫୩ ବୋତଲ କିଙ୍ଗଫିଶର ଷ୍ଟ୍ରଙ୍ଗ ବିୟର, ୧୮୦ ଏମଏଲର ୪୧ ବୋତଲ ମ୍ୟାକଡୋୱେଲ୍ ନମ୍ବର–୧ ସେଲିବ୍ରେସନ ପ୍ରିମିୟମ ରମ୍ ଏବଂ ୧୮୦ ଏମଏଲର ୩୬ ବୋତଲ ମ୍ୟାକଡୋୱେଲ୍ ନମ୍ବର–୧ ଡିଲକ୍ସ ହ୍ୱିସ୍କି ରହିଛି । ସମୁଦାୟ ଜବତ ମଦର ପରିମାଣ ୪୮.୧୩୫ ଲିଟର ହୋଇଥିବା ପୁଲିସ କହିଛି । ଏଥିସହ ମଦ ବିକ୍ରିରୁ ଆସିଥିବା ବୋଲି ସନ୍ଦେହ କରାଯାଉଥିବା ୩ ହଜାର ୩୮୦ ଟଙ୍କା ନଗଦ ଟଙ୍କା, ଗୋଟିଏ ଏଲଜି ଫ୍ରିଜ ଓ ଗୋଟିଏ ଭୋଲ୍ଟାସ ଫ୍ରିଜର ମଧ୍ୟ ଜବତ କରାଯାଇଛି । ଏହି ଘଟଣାରେ ଅଭିଯୁକ୍ତା ଜଗ୍ୟାସେନୀ ସାହୁଙ୍କୁ ପୁଲିସ ଗିରଫ କରିଥିବା ବେଳେ ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# କଟକ ସଦର ୪୨ ମୌଜା ମହୋତ୍ସବରେ କଳା, ସଂସ୍କୃତି ଓ ପ୍ରତିଭାର ଭବ୍ୟ ସମାରୋହ

## ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାର, ସାମ୍ବାଦିକ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା



**ଫୁଲନଖରା :** କଟକ ସଦର ୪୨ ମୌଜା ସାଂସ୍କୃତିକ ମହୋତ୍ସବର ଅନ୍ତିମ ଦିବସ ଅର୍ଥାତ୍ ଉଦ୍‌ଯାପନୀ ସନ୍ଧ୍ୟା ରଙ୍ଗାରଙ୍ଗ ସାଂସ୍କୃତିକ ପରିବେଶରେ ଅତ୍ୟନ୍ତ ଆଡମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଥିଲା । ପଣ୍ଡିତ ରବିନାରାୟଣ ନନ୍ଦ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ ।ଏହି ଅବସରରେ ମାନିନୀ ସାଂସ୍କୃତିକ କଳା ପରିଷଦ ପକ୍ଷରୁ କୁଶଳୀ ନୃତ୍ୟଶିକ୍ଷୀମାନେ ଓଡ଼ିଶୀ, ସମ୍ବଲପୁରୀ ଓ ଦେଶାତ୍ମବୋଧକ ସଙ୍ଗୀତରେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ । ପରିଷଦର ନିର୍ଦ୍ଦେଶିକା ସୁଶ୍ରୀ ଶୈବାଳିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ନୃତ୍ୟାନୁଷ୍ଠାନ ଦର୍ଶକମାନଙ୍କ ମନକୁ ମୋହିତ କରିଥିଲା ।ସୁନାମଧନ୍ୟା ଘୋଷିକା ଓ ଶିକ୍ଷାବିତ୍ ସୌଦାମିନୀ ତ୍ରିପାଠୀ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ସଂଯୋଜନା କରିଥିଲେ । ନୃତ୍ୟଶିକ୍ଷୀମାନଙ୍କ ସୁନ୍ଦର ପରିବେଷଣରେ ଦର୍ଶକମାନେ ବାରମ୍ବାର କରତାଳି ଦେଇ ଉତ୍ସାହିତ କରିଥିଲେ ।ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ରସିଦ୍ଧ କୋରିଓଗ୍ରାଫର ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ବବି ଇସ୍ଲାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୪୨ ମୌଜା ସାଂସ୍କୃତିକ ମହୋତ୍ସବର ମଞ୍ଚକୁ ଭୂୟସୀ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ, ଏପରି ମଞ୍ଚ ଗ୍ରାମାଞ୍ଚଳର ପ୍ରତିଭାମାନଙ୍କୁ ନିଜ ଦକ୍ଷତା ପ୍ରଦର୍ଶନ ପାଇଁ ସୁଯୋଗ ଯୋଗାଇ ଦେଉଛି ।ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ସମରେନ୍ଦ୍ର ମହାପାତ୍ର, ହାସ୍ୟ ଅଭିନେତା ପ୍ରଦୀପ୍ତ କୁମାର ମହାପାତ୍ର, ଅଭିନେତା ନବକିଶୋର ନାୟକ ଏବଂ ୪୨ ମୌଜାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ବବି ଇସ୍ଲାମଙ୍କ ହସ୍ତରେ ସମ୍ମାନିତ କରାଯାଇଥିଲା ।ମାନିନୀ ସାଂସ୍କୃତିକ କଳା ପରିଷଦର ନିର୍ଦ୍ଦେଶିକା ଶୈବାଳିନୀ ତ୍ରିପାଠୀ ଓ ସୌଦାମିନୀ ତ୍ରିପାଠୀ ସମସ୍ତ କଳାକାରଙ୍କୁ ପୁଷ୍ପଗୁଚ୍ଛ, ଉପହାର ଓ ଶ୍ରୀଜଗନ୍ନାଥଙ୍କ ଫଟୋ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।ଉଦ୍‌ଯାପନୀ ସନ୍ଧ୍ୟାରେ ବିଶାଳ ସଂଖ୍ୟାରେ ଦର୍ଶକଙ୍କ ସମାଗମ ହୋଇଥିଲା । ମୀନାବଜାରରେ ମଧ୍ୟ ଭାରି ଭିଡ଼ ଦେଖିବାକୁ ମିଳିଥିଲା । ସାରା ପରିବେଶ ଉତ୍ସବମୁଖର ହୋଇଉଠିଥିଲା ।କାର୍ଯ୍ୟକ୍ରମରେ ଅଧ୍ୟାପକ ଖଲିକୁଦ୍ଦିନ ଜମାନ ଖାଁ, ପ୍ରକାଶ କୁମାର ଦାସ, ଆଡଭୋକେଟ୍ ମାଧବେନ୍ଦ୍ର ମହାନ୍ତି, ଆଡଭୋକେଟ୍ ପ୍ରମୋଦ କୁମାର ପତି, ପ୍ରସନ୍ନ କୁମାର ପତି, ନିତ୍ୟାନନ୍ଦ ପତି, ସିଦ୍ଧେଶ୍ୱର ପତି, ବିଳାଶ ଚନ୍ଦ୍ର ବେହେରା, ବିକ୍ରମ କିଶୋର ପତି, ବିଶ୍ୱଜିତ ପତି, ସତ୍ୟନାରାୟଣ ମହାନ୍ତି, ସୁକାନ୍ତ ବେଉରା, ଦୀପ୍ତିରଞ୍ଜନ ଶତପଥୀ, ଚନ୍ଦନ ମହାନ୍ତି, ସୁଧୀର ଶତପଥୀ, ଅଶୋକ କୁମାର ପତି, ଅଧ୍ୟାପକ ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସାଂସ୍କୃତିକ ମହୋତ୍ସବ କମିଟିର ସଭାପତି ସନ୍ତୋଷ କୁମାର ପତି ସମସ୍ତ ଅତିଥି, କଳାକାର, ସାମ୍ବାଦିକ ଓ ଦର୍ଶକମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ୪୨ ମୌଜା ସାଂସ୍କୃତିକ ମହୋତ୍ସବର ଏହି ଉଦ୍‌ଯାପନୀ ସନ୍ଧ୍ୟା ସମସ୍ତଙ୍କ ମନରେ ଅମର ସ୍ମୃତି ଛାଡ଼ିଯାଇଛି ।

### ବର୍ଷା ପୂର୍ବରୁ କୋରାପୁଟ ସତର୍କ

# ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି



**କୋରାପୁଟ :** କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଅଧ୍ୟକ୍ଷତାରେ ସଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ବର୍ଷା ଋତୁକୁ ଦୃଷ୍ଟିରେ ରଖି ବନ୍ୟା ଓ ବିପର୍ଯ୍ୟୟ ମୁକାବିଲା ପାଇଁ ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ଜିଲ୍ଲାର ସମସ୍ତ ଦୁର୍ବଳ ନଦୀବନ୍ଧ ଓ ଘାଇ ଶୀଘ୍ର ଚିହ୍ନଟ କରି ମରାମତି କରିବା ସହ କେନାଲ ଓ ନାଳ ସଫେଇ ପାଇଁ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଏବଂ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତ୍ୟେକ ବ୍ଲକରେ ବନ୍ୟା ବୃତ୍ତ ଗଠନ କରାଯିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି । ବନ୍ୟା ପ୍ରବଣ ଅଞ୍ଚଳରେ ଚାଉଳ, କିରୋସିନି, ଚୁଡା, ଗୁଡ଼, ଗୋଖାଦ୍ୟ, ଔଷଧ ଓ ଶୁଦ୍ଧ ପାନୀୟ ଜଳ ଆଗୁଆ ମହଜୁଦ ରଖିବାକୁ ଜିଲ୍ଲା ଯୋଗାଣ ଅଧିକାରୀ ଓ ଜଳ ଓ ପରିମଳ ବିଭାଗକୁ କୁହାଯାଇଛି । ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ରରେ ମେ ୧ରୁ ନଭେମ୍ବର ପର୍ଯ୍ୟନ୍ତ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ରହିବା ସହ ଜୁନ ୧ରୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ଦୈନିକ ସ୍ଥିତି ରିପୋର୍ଟ ଏସଆରସିଙ୍କୁ ପଠାଯିବ । କୋଟପାଡ, ବୋରିଗୁମ୍ମା ଓ ଜୟପୁରରେ ୩ଟି ବନ୍ୟା ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଛି । ମହାମାରୀ ପ୍ରତିହତ ପାଇଁ ସାପ କାମୁଡା ଇଞ୍ଜେକସନ, ହେଲୋଜିନ ବଟିକା, ଓଆରଏସ ଓ ବ୍ଲିଚିଂ ପାଉଡର ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ମିଳିଛି । ବିପର୍ଯ୍ୟୟ ସମୟରେ ମହିଳା, ଶିଶୁ, ଭିନ୍ନକ୍ଷମ ଓ ବୃଦ୍ଧଙ୍କ ସୁରକ୍ଷିତ ଉଦ୍ଧାର ଉପରେ ଗୁରୁତ୍ୱ ଦିଆଯାଇଥିବାବେଳେ ଦେଶୀ ଡଙ୍ଗାର ପଞ୍ଜୀକରଣ ଯାଞ୍ଚ ଓ ଲାଇଫ ଜ୍ୟାକେଟ ବ୍ୟବହାରକୁ ନେଇ ସଚେତନତା ବଢ଼ାଇବା ପାଇଁ ସମସ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛ, ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ, କୋରାପୁଟ ସାଂସଦ ପ୍ରତିନିଧି ମନୋଜ ଆଚାର୍ଯ୍ୟଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ, ବିଡିଓ ଓ ତହସିଲଦାରମାନେ ଉପସ୍ଥିତ ଥିଲେ ।

### ଅସହ୍ୟ ବୃଦ୍ଧି ପାଇଲା ତାପମାତ୍ରା

# ପାଣି ପାଇଁ ଗାଁ ମୁହାଁ ବନ୍ୟଜନ୍ତୁ

- ଘରେ ରହିବାକୁ ପ୍ରଶାସନର ପରାମର୍ଶ
- ଥଣ୍ଡା ଦୋକାନରେ ଲାଗୁଚି ଭିଡ଼

**ବୌଦ୍ଧ :** ସମଗ୍ର ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବୌଦ୍ଧ ଜିଲ୍ଲାରେ ଅସହ୍ୟ ତାତି ଜନଜୀବନକୁ ବ୍ୟାପକ ଭାବେ ପ୍ରଭାବିତ କରିଛି । ଜିଲ୍ଲାରେ ତାପମାତ୍ରା ୪୩ ଡିଗ୍ରୀ ପାଖାପାଖି ପହଞ୍ଚିଥିବାରୁ ଲୋକେ ଗ୍ରୀଷ୍ମ ପ୍ରକୋପରେ ଅତିଷ୍ଠ ହୋଇପଡ଼ିଛନ୍ତି । ସକାଳ ୯ଟା ପରଠାରୁ ରାସ୍ତାଘାଟ ପ୍ରାୟ ଶୂନଶାନ ହୋଇଯାଉଥିବା ବେଳେ ଅତ୍ୟାବଶ୍ୟକ କାମ ନଥିଲେ ଲୋକମାନେ ଘରୁ ବାହାରିବାକୁ ଏଡ଼ାଇ ଚାଲିଛନ୍ତି । ପ୍ରଚଣ୍ଡ ଖରା ଓ ଗରମ ପବନ ଯୋଗୁଁ ଶିଶୁ, ବୃଦ୍ଧ ଏବଂ ଶ୍ରମିକ ଶ୍ରେଣୀର ଲୋକମାନେ ସର୍ବାଧିକ ପ୍ରଭାବିତ ହେଉଛନ୍ତି । ଦିନବେଳେ ବଜାର, ଛକ ଓ ସାଧାରଣ ଜନସମାଗମ ସ୍ଥାନଗୁଡ଼ିକରେ ଲୋକଙ୍କ ଭିଡ଼ କମିଥିବା ଦେଖିବାକୁ ମିଳୁଛି । ତୀବ୍ର ଗରମରୁ ରକ୍ଷା ପାଇବାକୁ ଲୋକେ ଥଣ୍ଡା ପାଣି, ସର୍ବତ ଓ ବିଭିନ୍ନ ଫଳରସ ଉପରେ ଅଧିକ ନିର୍ଭରଶୀଳ ହେଉଛନ୍ତି । ଅନ୍ୟପଟେ, ପ୍ରବଳ ତାତିର ପ୍ରଭାବ ବନ୍ୟଜନ୍ତୁଙ୍କ ଉପରେ ମଧ୍ୟ ପଡୁଛି । ଜଙ୍ଗଲ ଅଞ୍ଚଳରେ ଜଳାଭାବ ଦେଖାଦେବାରୁ ବନ୍ୟଜନ୍ତୁମାନେ ପାଣି ସନ୍ଧାନରେ ଗାଁ ମୁହାଁ ହେଉଥିବା ସୂଚନା ମିଳୁଛି । ଏଭଳି ପରିସ୍ଥିତିକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଥଣ୍ଡା ପାଣି ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ସହରର ବିଭିନ୍ନ ଛକ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ଜଳଛତ୍ର ଖୋଲାଯାଇଥିବା ବେଳେ, ଦିନ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ କାମ ନଥିଲେ ଘରୁ ବାହାରକୁ ନଯିବା ପାଇଁ ପ୍ରଶାସନ ପକ୍ଷରୁ ସଚେତନ କରାଯାଉଛି । ଆଗାମୀ ଦିନରେ ତାପମାତ୍ରା ଆହୁରି ବୃଦ୍ଧି ପାଇଲେ ଏହାର ପ୍ରଭାବ ସାଧାରଣ ଜୀବନ ଉପରେ ଆହୁରି ଗମ୍ଭୀର ହେବା ନେଇ ସାଧାରଣରେ ଆଶଙ୍କା ପ୍ରକାଶ ପାଉଛି ।

### ଅସହ୍ୟ ତାତି ପ୍ରଭାବ

# ଗାଁ ନିକଟ ପାଣି କୁଣ୍ଡରେ ଗାଧୋଇଲା ଦନ୍ତା



**ବଣାଇ :** ସୁନ୍ଦରଗଡ଼ ଜିଲ୍ଲାର ଗୋପାଳପୁର ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଜାମଝରିଆ ଗାଁରେ ଏକ ମନୋରମ ଦୃଶ୍ୟ ଦେଖିବାକୁ ମିଳିଥିଲା । ଅସହ୍ୟ ଗ୍ରୀଷ୍ମ ତାତିରୁ ତ୍ରାହି ପାଇବା ପାଇଁ ଜଙ୍ଗଲ ଛାଡ଼ି ଗାଁ ନିକଟକୁ ଆସିଥିବା ଏକ ଦନ୍ତା ହାତୀ ନିର୍ମାଣ କାର୍ଯ୍ୟ ପାଇଁ କରାଯାଇଥିବା ଏକ ପାଣି କୁଣ୍ଡରେ ଗାଧୋଇ ନିଜକୁ ଶିତଳ କରୁଥିବା ଦେଖାଯାଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି ଦନ୍ତା କିଛି ସମୟ ଧରି ଜଙ୍ଗଲ ଅଞ୍ଚଳରେ ଘୁରିବା ପରେ ତାପମାତ୍ରା ବଢ଼ିବାରୁ ଗାଁ ମୁହାଁ ହୋଇଥିଲା । ତେବେ ଗାଁ ମୁଣ୍ଡ ଜଙ୍ଗଲ ନିକଟରେ ଏକ ଫାର୍ମ ତିଆରି ପାଇଁ ତାର ବାଡ ଦିଆଯାଉଛି । ସେଠାରେ ରହିଥିବା ଏହି ପାଣି କୁଣ୍ଡ ତାହାର ପାଇଁ ଏକ ସୁଯୋଗ ସୃଷ୍ଟି କରିଥିଲା । ଯେଉଁଠାରେ ସେ ଦୀର୍ଘ ସମୟ ଧରି ଗାଧୋଇ ଆରାମ କରୁଥିଲା । ଏହି ଦୃଶ୍ୟ ଗ୍ରାମବାସୀଙ୍କ ମଧ୍ୟରେ ଆଶ୍ଚର୍ଯ୍ୟ ଓ ଆନନ୍ଦର ସୃଷ୍ଟି କରିଥିଲା । କେହି କେହି ଏହାକୁ ମୋବାଇଲରେ ଫଟୋ ଏବଂ ଭିଡିଓ କରିଥିଲେ । ତେବେ କେହି ସେହି ଦନ୍ତା କୁ କୌଣସି ପ୍ରକାର ହାନୀ ଘଟାଇନଥିବା ବେଳେ କିଛି ସମୟ ପରେ ଦନ୍ତା ପୁଣି ଜଙ୍ଗଲ କୁ ଚାଲିଯାଇଥିଲା । ବନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି ଯେ, ଏପରି ସମୟରେ ହାତୀଙ୍କୁ ବିଚଳିତ ନକରି ସୁରକ୍ଷିତ ଦୂରତା ରଖିବା ଆବଶ୍ୟକ । ଅନ୍ୟପକ୍ଷରେ ଜଙ୍ଗଲରେ ପାଣି ସଂରକ୍ଷଣର ଆବଶ୍ୟକତାକୁ ମଧ୍ୟ ଉଜାଗର କରିଛି ଏହି ଦୃଶ୍ୟ । ବନ୍ ବିଭାଗ ପକ୍ଷରୁ ହାତୀ ର ଗତିବିଧି ଉପରେ ନଜର ରଖାଯାଇଥିବା ଜଣାପଡ଼ିଛି ।

# ୪ ବେଆଇନ ପଥର ବୋଝେଇ ଡମ୍ପର ଜବତ

**ବାଲେଶ୍ୱର :** ସୋର ପୁଲିସ ପକ୍ଷରୁ ଖଞ୍ଜାମାହାଲ ପଥର ଖାଦାନରେ ଚଢ଼ଉ କରି ଚାରୋଟି ବେଆଇନ ପଥର ବୋଝେଇ ଡମ୍ପର ଜବତ କରିଥିବା ଜଣାପଡିଛି । ସୂଚନା ଅନୁସାରେ ଗତକାଲି ରାତିରେ ଖାଦାନରୁ ବେଆଇନ ଭାବେ ପଥର ଚାଲାଣ ହେଉଥ?ବା ଜାଣିପାରି ପୁଲିସ କ୍ୟାମ୍ପରେ କାର୍ଯ୍ୟରତ ପୁଲିସ କର୍ମଚାରୀ ମାନେ ଚଢ଼ାଉ କରିଥିଲେ । ଏହି ସମୟରେ ୪ଟି ଡମ୍ପର ବେଆଇନ ପଥର ଚାଲାଣ କରୁଥିବାବେଳେ ପୁଲିସ କର୍ମଚାରୀ ମାନେ ଗାଡି ଗୁଡିକୁ ଜବତ କରି ସୋର ଥାନାକୁ ଖବର ଦେଇଥିଲେ । ଖବର ପାଇ ସୋର ପୁଲିସ ସେଠାରେ ପହଞ୍ଚି ଗାଡି ଗୁଡିକୁ ଆଣି ଥାନାରେ ରଖୁବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଇସ୍କନ ପାରମ୍ପରିକ ତାରିଖରେ ରଥଯାତ୍ରା ପାଳନ କରିବା ଉଚିତ : ଅମିତାଭ ସାମଲ



**ବଣାଇ :** ରବିବାର ଦିନ ସମାଜସେ୍ୱୀ ଏବଂ ରାଉରକେଲା ଜାଗରଣ ମଞ୍ଚର ସଭାପତି ଅମିତାଭ ସାମଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଅନୁରୋଧ ପଠାଇ ଅନୁରୋଧ କରିଛନ୍ତି ଯେ ଇସ୍କନକୁ ଜଣାଇବାକୁ ଅନୁରୋଧ କରାଯାଇଛି ଯେ ସେମାନଙ୍କର ରଥଯାତ୍ରା ପ୍ରତିବର୍ଷ ପାରମ୍ପରିକ ଭାବରେ ପାଳିତ ହେଉଥିବା ପ୍ରସିଦ୍ଧ ରଥଯାତ୍ରା ପରି ସମାନ ତାରିଖରେ ଅନୁଷ୍ଠିତ ହେବା ଉଚିତ । ସମାଜସେବୀ କହିଛନ୍ତି ଯେ ଇସ୍କନ ଶାଖାଗୁଡ଼ିକ ସାରା ବିଶ୍ୱରେ ବିସ୍ତାରିତ, ତେଣୁ ବିଭିନ୍ନ ଶାଖା ପ୍ରାୟତଃ ସମ୍ପ୍ରଦାୟର ଅଂଶଗ୍ରହଣକୁ ସର୍ବାଧିକ କରିବା ପାଇଁ ପାରମ୍ପରିକ ତାରିଖ ବ୍ୟତୀତ ଅନ୍ୟ ତାରିଖରେ ସେମାନଙ୍କର ରଥଯାତ୍ରା ଆୟୋଜନ କରନ୍ତି । ଶ୍ରୀ ସାମଲ ପୁରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଏବଂ ଇସ୍କନକୁ ଏକୀକୃତ ରଥଯାତ୍ରା ତାରିଖରେ ସହମତ ହେବାକୁ ଦାବି କରିଛନ୍ତି । ଇସ୍କନର ରଥଯାତ୍ରା ନିର୍ଦ୍ଧାରିତ ତାରିଖ ବାହାରେ ଆୟୋଜନ କରାଯାଉଛି, ଯାହା ଧାର୍ମିକ ଭାବନାକୁ ଆଘାତ କରୁଛି । ତେଣୁ, ସେ ଏ ସମ୍ପର୍କରେ ଇସ୍କନକୁ ନିର୍ଦ୍ଦେଶ ଜାରି କରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଯେ ଧାର୍ମିକ ଭାବନାକୁ ଆଘାତ କରିବା ଅନୁଚିତ । ବିଶ୍ୱବ୍ୟାପୀ ସମାନ ପାରମ୍ପରିକ ତାରିଖରେ ରଥଯାତ୍ରା ଅନୁଷ୍ଠିତ ହେବା ଉଚିତ । ସାମାଜିକ କର୍ମୀ ଅମିତାଭ ସାମଲ ଅନୁରୋଧ କରିଥିଲେ ଯେ ଇସ୍କନ ଦ୍ୱାରା ଆୟୋଜିତ ରଥଯାତ୍ରା ପୁରୀରେ ବର୍ଷ ବର୍ଷ ଧରି ପାଳିତ ହୋଇଆସୁଥିବା ସମାନ ଦିନରେ ଅନୁଷ୍ଠିତ ହେଉ; ଏହା ଭିନ୍ନ ଭିନ୍ନ ତାରିଖରେ ଅନୁଷ୍ଠିତ ହେବା ଉଚିତ୍ ନୁହେଁ । ସେ ଏକ ନିୟମ କାର୍ଯ୍ୟକାରୀ କରିବାକୁ ଆହ୍ୱାନ କରିଥିଲେ ଯାହା ଦ୍ୱାରା ପ୍ରତିବର୍ଷ ପ୍ରସିଦ୍ଧ ରଥଯାତ୍ରା ପାରମ୍ପରିକ ଭାବରେ ପାଳନ କରାଯାଉଥିବା ତାରିଖରେ ଇସ୍କନକୁ ରଥଯାତ୍ରା ଉତ୍ସବ ପାଳନ କରିବାକୁ ବାଧ୍ୟତାମୂଳକ କରାଯିବ – ଯେପରି ଏହା ବର୍ଷ ବର୍ଷ ଧରି ପାଳିତ ହୋଇଆସୁଛି । ରଥଯାତ୍ରା, କିମ୍ବା ରଥ ମହୋତ୍ସବ, ଓଡ଼ିଶାର ପୁରୀର ପବିତ୍ର ଜଗନ୍ନାଥ ଧାମରେ ଅନୁଷ୍ଠିତ ଏକ ବାର୍ଷିକ ହିନ୍ଦୁ ପର୍ବ, ଯାହା ପ୍ରଭୁ ଜଗନ୍ନାଥ ଏବଂ ତାଙ୍କ ଭାଇଭଉଣୀ – ବଳଭଦ୍ର ଏବଂ ସୁଭଦ୍ରାଙ୍କ ଗୁଣ୍ଡିଚା ମନ୍ଦିର ଯାତ୍ରାକୁ ପାଳନ କରେ । ଏହା ଭାରତର ସବୁଠାରୁ ପବିତ୍ର ଏବଂ ବହୁଳ ଭାବରେ ପାଳିତ ପର୍ବ ମଧ୍ୟରୁ ଗୋଟିଏ । ଯେହେତୁ ଇସ୍କନ ଶାଖାଗୁଡ଼ିକ ବିଶ୍ୱବ୍ୟାପୀ ବିସ୍ତାରିତ, ତେଣୁ ସେମାନେ ସାମୁହିକ ଅଂଶଗ୍ରହଣକୁ ସର୍ବାଧିକ କରିବା ପାଇଁ ପାରମ୍ପରିକ ତାରିଖ ବ୍ୟତୀତ ଅନ୍ୟ ତାରିଖରେ ସେମାନଙ୍କର ରଥଯାତ୍ରା ଆୟୋଜନ କରନ୍ତି; ଏହି କାର୍ଯ୍ୟ ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ ଲୋକଙ୍କ ଭାବନାକୁ ଆଘାତ କରେ । ଇସ୍କନ ଦ୍ୱାରା ଆୟୋଜିତ ରଥଯାତ୍ରାର ତାରିଖ ପୁରୀର ଜଗନ୍ନାଥ ମନ୍ଦିର ପ୍ରଶାସନ ଦ୍ୱାରା ପାରମ୍ପରିକ ଭାବରେ ପାଳିତ ହେଉଥିବା ମହାନ ରଥଯାତ୍ରା ତାରିଖ ସହିତ ମେଳ ଖାଉଥିବା ଉଚିତ । ଇସ୍କନ୍ ପାରମ୍ପରିକ ତାରିଖ ବାହାରେ ରଥଯାତ୍ରା ଆୟୋଜନ କରୁଥିବାରୁ ଏହା ଧାର୍ମିକ ଭାବନାକୁ ଆଘାତ କରୁଛି । ଏହି ବିଷୟକୁ ଗମ୍ଭୀରତାର ସହ ନିଆଯିବା ଉଚିତ, ଏବଂ ଇସ୍କନ୍ କୁ ସଠିକ୍ ତାରିଖଗୁଡ଼ିକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯିବା ଉଚିତ । ସାମାଜିକ କର୍ମୀ ଅମିତାଭ ସାମଲ ଏ ସମ୍ପର୍କରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି ଏବଂ ଏହି ସମ୍ପର୍କରେ ଇସ୍କନ୍ କୁ ନିର୍ଦ୍ଦେଶ ଜାରି କରିବାକୁ ଅନୁରୋଧ କରିଛନ୍ତି । ଧାର୍ମିକ ଭାବନାକୁ ଆଘାତ ଦେବା ଅନୁଚିତ; ସାରା ବିଶ୍ୱରେ କେବଳ ଗୋଟିଏ ପାରମ୍ପରିକ ତାରିଖରେ ରଥଯାତ୍ରା ଅନୁଷ୍ଠିତ ହେବା ଉଚିତ । ପତ୍ର ମାଧ୍ୟମରେ ଓଡ଼ିଶା ସରକାରଙ୍କ ଆଇନ ମନ୍ତ୍ରୀ ଶ୍ରୀ ପ୍ରୀତିରାଜ ହରିଚନ୍ଦନ ,ପୁରୀର ରାଜା ଶ୍ରୀ ଦିବ୍ୟାସିଂହ ଦେବ ,ଗଜପତି ମହାରାଜ, ଶ୍ରୀ ଅରବିନ୍ଦ କୁମାର ପାଢ଼ୀ (ଆଇଏଏସ୍), ମୁଖ୍ୟ ପ୍ରଶାସକ (ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ) ଅନୁରୋଧ କରାଯାଇଛି

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati